**ଶିକ୍ଷାର ବିକାଶରେ ଗଣମାଧ୍ୟମ ଭୂମିକା ଗୁରୁତ୍ୱପୂର୍ଣ୍ଣ**

ରାୟଗଡ଼ା,(ଆଶିଷ ରଞ୍ଜନ ପଣ୍ଡା)- ରାଷ୍ଟ୍ରକୁ ବିକଶିତ କରିବାରେ ଶିକ୍ଷାର ଆବଶ୍ୟକତା ରହିଛି। ସେହିପରି ଶିକ୍ଷାର ବିକାଶରେ ଗଣମାଧ୍ୟମ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମଙ୍ଗଳବାର ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଏଥିରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରମେଶ ସାହୁ, ଖବରଦାତା ଗୋପ ରଞ୍ଜନ ବକ୍ସିପାତ୍ର ଯୋଗ ଦେଇଥିଲେ। ଶିକ୍ଷା କ୍ଷେତ୍ରରେ ପ୍ରଗତି ପାଇଁ ସରକାର ଅନେକ ଯୋଜନା ପ୍ରଣୟନ କରି ଅର୍ଥ ବ୍ୟୟ କରୁଛନ୍ତି। ଛାତ୍ରୀଛାତ୍ର ପ୍ରତିଯୋଗୀ ଭାବି ପାଠ ପଢ଼ିବାର ଆବଶ୍ୟକତା ରହିଛି ବୋଲି ଅତିଥି କହିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ପ୍ରୀତି ଟି.କେ. ପରିଚାଳନା କରିଥିଲେ।

## ସଂକ୍ଷେପରେ

### ମହିଳା, ଶିଶୁ ସୁରକ୍ଷା ସମ୍ପର୍କିତ ଆଇନ ସଚେତନତା ଶିବିର

ରାୟଗଡ଼ା,୧୯।୧୨ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ମହିଳା ଏବଂ ଶିଶୁ ସୁରକ୍ଷା ସମ୍ପର୍କିତ ଏକ ଆଇନ ସଚେତନତା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ ଓ ମହିଳା ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଂସ୍କୃତିର ମିଳିତ ଆନୁକୂଲ୍ୟରେ ଏହି ସଚେତନତା ଶିବିର ଆୟୋଜିତ ହୋଇଥିଲା। ଜିଲା ଆଇନ ସେବା ପ୍ରାଧିକରଣର ସଚିବ ନିବେଦିତା ପଣ୍ଡା ନିଜ ବକ୍ତବ୍ୟରେ ମହିଳା ଓ ଶିଶୁଙ୍କ ମୌଳିକ କର୍ତ୍ତବ୍ୟ, ପୋକ୍ସୋ ଆକ୍ଟ ଏବଂ ଜେଜେ(ସିପିସି) ଆକ୍ଟର ଉଦ୍ଦେଶ୍ୟ, ଆଭିମୁଖ୍ୟ, ନ୍ୟାୟିକ ବ୍ୟବସ୍ଥା ଓ ସେମାନଙ୍କ ପାଇଁ ଆଇନରେ ଉଦ୍ଦିଷ୍ଟ ଥିବା ବିଭିନ୍ନ ଧାରା ଉପରେ ଛାତ୍ରୀମାନଙ୍କୁ ବୁଝାଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସଂସ୍କୃତି ଅନୁଷ୍ଠାନର ସଭାନେତ୍ରୀ ସୁଜାତା ପାଳ, ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ବିଷ୍ଣୁପ୍ରସାଦ ପାତ୍ର, ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷା ବିବିଲତା ସରାଫ, ଅଧାପିକା ମାନସୀ ମହାନ୍ତି, ଫାର୍ ଅନୁଷ୍ଠାନର ପ୍ରମିଳା ସ୍ୱାଇଁ, ସିଡବ୍ଲୁସି ଅଧକ୍ଷା ବିଦ୍ୟୁତ୍‌ଲତା ହୁଇକା ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ଉପସ୍ଥିତ ରାୟଗଡ଼ା କଲେଜ, ମହିଳା ମହାବିଦ୍ୟାଳୟ ଓ ରାୟଗଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀଙ୍କୁ ନାରୀ ନିର୍ଯାତନା, ଶିଶୁ ଚାଲାଣ, ଶିଶୁ ନିର୍ଯାତନା ଏବଂ ଏ ସମ୍ପର୍କିତ ସମସ୍ତ ପ୍ରକାର ନ୍ୟାୟିକ ବ୍ୟବସ୍ଥା ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ।

### ସମନ୍ୱିତ ଯୁବ ବିକାଶ ଯୋଜନାରେ ରକ୍ତଦାନ ଶିବିର

ଗୁଣପୁର, ୧୯।୧୨ (ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ ଯୋଜନା ଅଧିନରେ ଅନୁଷ୍ଠିତ ନୂତନ ଉନ୍ନତ ଅଭିଲାଷ ଓଡ଼ିଶା କାର୍ଯ୍ୟକ୍ରମରେ ମଙ୍ଗଳବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଗୁଣପୁର ପୌର ପରିଷଦ ଅଧକ୍ଷା ମମତା ଗୌଡ଼, ଉପାଧକ୍ଷ ଶିବପ୍ରସାଦ ଗୌଡ଼ ଏବଂ କାର୍ଯ୍ୟ ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଗୁଣପୁର ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ସୁଜାତା ଗମାଙ୍ଗଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ୬୮ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସ୍ୱେଚ୍ଛାକୃତ ରକ୍ତଦାନ ନୂଆ-ଓ କାର୍ଯ୍ୟକ୍ରମର ସାମାଜିକ



ଗତିବିଧିର ଏକ ଅଂଶବିଶେଷ ଥିଲା । ଅପରାହ୍ଣରେ ଗୁଣପୁର ଅଗ୍ନିଶମ ବିଭାଗ ଦ୍ୱାରା ଛାତ୍ରୀଛାତ୍ରଙ୍କୁ ବ୍ୟବହାରିକ ଭାବରେ ବିପର୍ଯ୍ୟୟ ଓ ଏହାର ପ୍ରଶମନ ସମ୍ପର୍କରେ ସୂଚନା ଦିଆଯାଇଥିଲା । ଆକସ୍ମିକ ଦୁର୍ଘଟଣା ଓ ଏହାର ସଫଳ ମୁକାବିଲା ପାଇଁ ଗୁଣପୁର ଅଗ୍ନିଶମ ବିଭାଗର ଅଧିକାରୀ ରଜନୀକାନ୍ତ ଗୌଡ଼ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ କୌଶଳ ସମ୍ପର୍କରେ ଶିକ୍ଷାଦାନ କରିଥିଲେ । ଏହାସହିତ ସୃଜନାତ୍ମକ ଲିଖନ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା ।

# ୬ ଜିଲାରୁ ୯୨୪ ଯାତ୍ରୀଙ୍କ ଶିରିଡ଼ି ଯାତ୍ରା

ରାୟଗଡ଼ା,୧୯।୧୨(ଆଶିଷ ରଞ୍ଜନ ପଣ୍ଡା)

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ରାୟଗଡ଼ା ଜିଲାରୁ ୨୨୨ଜଣଙ୍କ ସମେତ ୬ଟି ଜିଲାରୁ ମୋଟ ୯୨୪ଜଣ ବରିଷ୍ଠ ନାଗରିକ ଶିରିଡ଼ି ଓ ନାସିକ ଅଭିମୁଖେ ଟ୍ରେନ୍‌ରେ ଯାତ୍ରା ଆରମ୍ଭ କରିଛନ୍ତି। ରାୟଗଡ଼ା ରେଳ ଷ୍ଟେଶନଠାରୁ ସ୍ୱତନ୍ତ୍ର ଟ୍ରେନ ଯୋଗେ ଆରମ୍ଭ ହୋଇଥିବା ଏହି ଯାତ୍ରାକୁ ଆଇନମନ୍ତ୍ରୀ ଜଗନ୍ନାଥ ସାରକା, ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ରାଜ୍ୟ ଉପଦେଷ୍ଟା ଦୁର୍ଗାପ୍ରସାଦ ସାମନ୍ତରାୟ ଏବଂ ପର୍ଯ୍ୟଟନ ବିଭାଗ ଅତିରିକ୍ତ ସଚିବ ବାଳମୁକୁନ୍ଦ ଭୂୟାଁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ମଙ୍ଗଳବାର ୧୨ଟାରେ ଏହି ସ୍ୱତନ୍ତ୍ର ଟ୍ରେନ୍ ରାୟଗଡ଼ା ଛାଡ଼ିଥିଲା । ରାୟଗଡ଼ା ଜିଲାରୁ ୨୨୨, କଳାହାଣ୍ଡିରୁ ୧୯୮, ନୂଆପଡ଼ାରୁ ୯୧, କୋରାପୁଟରୁ ୧୮୪, ମାଲକାନଗିରିରୁ ୮୫ ଏବଂ ନବରଙ୍ଗପୁର ଜିଲାରୁ ୧୪୪ଜଣ ବୃଦ୍ଧାବୃଦ୍ଧ ଏହି ତୀର୍ଥଯାତ୍ରାରେ ସାମିଲ ରହିଛନ୍ତି ।



ଅତିଥିମାନେ ସବୁଜ ପତାକା ଦେଖାଇ ଟ୍ରେନ୍ ଯାତ୍ରାର ଶୁଭାରମ୍ଭ କରୁଛନ୍ତି ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ସାରକା ଯୋଗଦେଇ କହିଥିଲେ, ରାଜ୍ୟ ସରକାର ବରିଷ୍ଠ ନାଗରିକଙ୍କୁ ପ୍ରାଥମିକତା ଦେଇ ସେମାନଙ୍କ ବୃଦ୍ଧାବସ୍ଥାରେ ତୀର୍ଥଯାତ୍ରାର ସୁବିଧା କରିଛନ୍ତି। ଏଥିସହ ସେମାନେ କିଭଳି ଶାନ୍ତିରେ ଜୀବନଯାପନ କରିବେ ସେଥିପାଇଁ ମୁଖ୍ୟମନ୍ତ୍ରୀ ସର୍ବଦା ଚେଷ୍ଟା କରୁଛନ୍ତି ବୋଲି ମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ବରିଷ୍ଠ ନାଗରିକଙ୍କ ପାଇଁ ପ୍ରତିବର୍ଷ ସ୍ୱତନ୍ତ୍ର ମାଗଣା ତୀର୍ଥଯାତ୍ରା ବ୍ୟବସ୍ଥା କରୁଥିବାରୁ ବହୁ ଗରିବ ଶ୍ରେଣୀର ବୃଦ୍ଧାବୃଦ୍ଧ ତୀର୍ଥ କରିବାର ସୁଯୋଗ ପାଇପାରୁଥିବାରୁ ବରିଷ୍ଠ ନାଗରିକମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

**ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା**

ଜ୍ଞାପନ କରିଥିଲେ । ତୀର୍ଥଯାତ୍ରୀଙ୍କ ଯାତ୍ରାଠାରୁ ଆରମ୍ଭକରି ସେମାନଙ୍କ ଖାଇବା ଓ ରହିବା ଆଦି ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବା ନେଇ ଉପଦେଷ୍ଟା ଦୁର୍ଗା ସାମନ୍ତରାୟ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପଛୁଆବର୍ଗ କଲ୍ୟାଣ ରାଜ୍ୟ ଉପଦେଷ୍ଟା ପୃଥ୍ୱୀରାଜ ସାହୁ, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷା ଅନସୂୟା ମାଝି, ଜିଲା ପରିଷଦ ଅଧକ୍ଷା ସରସ୍ୱତୀ ମାଝି, ବ୍ଲକ ଅଧକ୍ଷା ଟୁନି ହୁଇକା, ଉପାଧକ୍ଷ ହରପ୍ରସାଦ ହେପୃକା, ପୌର ପରିଷଦ ଅଧକ୍ଷ ପି.ମହେଶ ପଟ୍ଟନାୟକ, ଉପାଧକ୍ଷା ଶୁଭ୍ରା ପଣ୍ଡା, ବିଜେଡି ମହିଳା ସଭାନେତ୍ରୀ ଶର୍ମିଷ୍ଠା ପାଢ଼ୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ।

# ଗାଈକୁ ଆକ୍ରମଣ କଲା ବାଘ

ଗୁଡାରି,୧୯।୧୨ (ପ୍ରମୋଦ କୁମାର ପତି )

ରାୟଗଡ଼ା ଜିଲା ଗୁଡ଼ାରି ବ୍ଲକ୍ ଅଞ୍ଚଳରେ ମହାବଳ ବାଘ ଆତଙ୍କ ଦେଖାଦେଇଛି। ଗତ କିଛିଦିନ ହେଲା ଏକ ମହାବଳ ବାଘ ଦିନରେ ଜଙ୍ଗଲରେ ଲୁଚି ରହୁଛି, ହେଲେ ରାତି ହେଲେ ଗାଁ ଗାଁ ବୁଲୁଛି। ସୋମବାର ବିଳମ୍ବିତ ରାତିରେ ବାଘ କଦମା ଗ୍ରାମ ପଞ୍ଚାୟତର ଢ଼େପଗାଁରେ ପଶି ଜଣଙ୍କ ଗୁହାଳରେ ଥିବା ଏକ ଗାଈକୁ ଆକ୍ରମଣ କରିଥିଲା। ବାଘ ଶବ୍ଦ ଶୁଣି ଗ୍ରାମବାସୀ ଉଠି ପାଟିତୁଣ୍ଡ କରିବାରୁ ବାଘ ପଳେଇ ଯାଇଥିବା ସୂଚନା ମିଳିଛି। ଖବରପାଇ ଗୁଡାରି ରେଞ୍ଜରଙ୍କ ନେତୃତ୍ୱରେ ବନ ବିଭାଗର ଏକ ସ୍ୱତନ୍ତ୍ର ଟିମ ଢ଼େପଗାଁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ପଦ୍ମପୁର ବ୍ଲକ ପ୍ରାଣୀ ଚିକିତ୍ସକଙ୍କୁ ଡାକି ଆହତ ଗାଈକୁ ଚିକିତ୍ସା କରାଯାଇଛି। ଏହାପରଠାରୁ ଗ୍ରାମବାସୀ ଆତଙ୍କିତ ହୋଇପଡିଛନ୍ତି। ବାଘ ଭୟରେ ସନ୍ଧ୍ୟା ହେଲେ ତାଟିକବାଟ ପଡିଯାଉଛି। ଏ ସମ୍ପର୍କରେ ରେଞ୍ଜର ଦିଲ୍ଲୀପ ପଟ୍ଟନାୟକ କହିଛନ୍ତି ଯେ, ଘଟଣାସ୍ଥଳରେ ବାଘର ପାଦ ଚିହ୍ନ ଠାବ ହୋଇଛି । ଗାଁରେ ବାଘ ପଶିଥିବା ଘଟଣା ସତ। ଯେହେତୁ ବାଘ ଆକ୍ରମଣ କରିଛି ପୁନର୍ବାର ଗାଁକୁ ଆସିବାର ସମ୍ଭାବନା ଥିବାରୁ ରାତିରେ ଘରୁ ନ ବାରିବାକୁ ଗ୍ରାମବାସୀଙ୍କୁ ସଚେତନ କରାଯାଇଛି । ବନ ବିଭାଗ ମଧ୍ୟ ବାଘ ଉପରେ ଦୃଷ୍ଟି ରଖିଥିବା ସେ କହିଛନ୍ତି।

# ଦିବ୍ୟାଙ୍ଗଙ୍କ ଟ୍ରାଇସାଇକେଲ ପ୍ରତିଯୋଗିତା



ଟ୍ରାଇସାଇକେଲ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଦିବ୍ୟାଙ୍ଗମାନେ।

ରାୟଗଡ଼ା,୧୯।୧୨ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ଚଇତି କ୍ରୀଡ଼ା ମହୋତ୍ସବ ଉପଲକ୍ଷେ ଭିନ୍ନକ୍ଷମଙ୍କ ସମ୍ମାନ ଭାଗୀଦାରିକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ତରଫରୁ ମଙ୍ଗଳବାର ଭିନ୍ନକ୍ଷମଙ୍କ ନିମନ୍ତେ ଟ୍ରାଇ ସାଇକେଲ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଅତିରିକ୍ତ ଏସ୍‌ପି ବିଷ୍ଣୁପ୍ରସାଦ ପାତ୍ର, ରାୟଗଡ଼ା ଜିଲା କ୍ରୀଡ଼ା ଅଧିକାରୀ ଶେଖ୍ ଅଲିଜୁର, ରାୟଗଡ଼ା ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଭାରତୀୟ ମହିଳା ସଂଘ ସମ୍ପାଦକ ଓ ଅଧକ୍ଷା ସସ୍ମିତା ଟେଟେ, ରାୟଗଡ଼ା ଜିଲା ଭିନ୍ନକ୍ଷମ ମହାସଂଘ ସମ୍ପାଦକ ଅମରେନ୍ଦ୍ର ନାଥ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ମୋଟ ୧୭ ଜଣ ଭିନ୍ନକ୍ଷମ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ସେଥିମଧ୍ୟରୁ ଅଭିରାମ କର୍କରୟା ପ୍ରଥମ ସ୍ଥାନ, ପି. ନିଲକଣ୍ଠ ଦ୍ୱିତୀୟ ସ୍ଥାନ ଓ ସୁନ୍ଦୁରୁ କୌଶଲ୍ୟା ତୃତୀୟ ସ୍ଥାନ ଅଧିକାର କରିଥିବା ଜଣାପଡିଛି।

# ଏନ୍‌ସିସିର ଶୃଙ୍ଖଳା ଜୀବନରେ ପରିବର୍ତ୍ତନ ଆଣିବ

ଗୁଣପୁର,୧୯।୧୨(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ଗାନ୍ଧୀ ପବ୍ଲିକ ସ୍କୁଲରେ ବାଳିକା ଏନ୍‌ସିସି ଉଦ୍‌ଘାଟନ ସମାରୋହ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହାକୁ ରାୟଗଡ଼ା ଦ୍ୱିତୀୟ ଓଡ଼ିଶା ବାଟାଲିୟନର କମାଣ୍ଡିଂ ଅଫିସର କର୍ନେଲ ଭି.ଏସ୍. ଶ୍ରୀନିବାସ ଏବଂ ମେଜର ସୁବେଦାର ଶାନ୍ତନୁ କୁମାର ଜେନା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ମୁଖ୍ୟ ଅତିଥି କର୍ନେଲ ଶ୍ରୀନିବାସ କହିଥିଲେ, ଯେଉଁଠି ଏକତା ଅଛି, ସେଠି ଶୃଙ୍ଖଳା ଅଛି । ଛାତ୍ର ଜୀବନରେ ଏନ୍‌ସିସି ଶିକ୍ଷା ଓ ଏହାର ମହତ୍ତ୍ୱ ଭବିଷ୍ୟତରେ ସବୁ କ୍ଷେତ୍ରରେ ସାହାଯ୍ୟ କରିବ । ବିଦ୍ୟାଳୟର ସଂଯୋଜିକା ସରିତା ରଥ ସ୍ୱାଗତ ଭାଷଣ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଏଏନ୍‌ଓ ଅନନ୍ତ ରଥ ସିଟିଓ ସୁମତି ମିଶ୍ର ଏବଂ କ୍ରୀଡ଼ା ଶିକ୍ଷକ ଦେବେନ୍ଦ୍ରନାଥ ନାୟକ ପରିଚାଳନା କରିଥିଲେ । ବିଦ୍ୟାଳୟର



କାର୍ଯ୍ୟକ୍ରମରେ ଉପସ୍ଥିତ ଏନ୍‌ସିସି ଛାତ୍ରୀ ଏବଂ ଅତିଥିମାନେ।

**ବାଳିକା ଏନ୍‌ସିସି ଉଦ୍‌ଘାଟନ ସମାରୋହ**

ଅଧକ୍ଷ ସୁବ୍ରତ ରଞ୍ଜନ ପାଠୀ ସମସ୍ତ କ୍ୟାଡେଟଙ୍କୁ ଧନ୍ୟବାଦ ଦେଇ କହିଥିଲେ, ଏନ୍‌ସିସିର ଶୃଙ୍ଖଳା ଓ ଦାୟିତ୍ୱବୋଧ ଜୀବନରେ ପରିବର୍ତ୍ତନ ଆଣିବା ସହ ଦେଶ ସେବାରେ ନିଜକୁ ନିୟୋଜିତ କରିବାରେ ସହାୟକ ହେବ। ଏହି ଅବସରରେ ଜିଆଇଇଟି ବିଶ୍ୱବିଦ୍ୟାଳୟର ମହାନିର୍ଦ୍ଦେଶକ ଜଗଦୀଶ ପଣ୍ଡା ସମସ୍ତ ଛାତ୍ରୀ କ୍ୟାଡେଟଙ୍କୁ ଶୁଭେଚ୍ଛା ଜଣାଇବା ସହ ଦେଶମାତୃକାର ସେବା କରିବା ଏକ ମହାନ୍ କାର୍ଯ୍ୟ ବୋଲି କହିଥିଲେ । ଶେଷରେ ସଂଗୀତ ଶିକ୍ଷକ କେଦାରନାଥ ବିଶ୍ୱାଳଙ୍କ ଦ୍ୱାରା ପ୍ରସ୍ତୁତ ବାଳିକା ଏନ୍‌ସିସି କ୍ୟାଡେଟ ଓଡ଼ିଶୀ, ଦେଶାତ୍ମବୋଧକ ନୃତ୍ୟ ଏବଂ ଏନ୍‌ସିସି ସଙ୍ଗୀତ ଗାନ କରିଥିଲେ । ଜିଆଇଇଟି ବିଶ୍ୱବିଦ୍ୟାଳୟର ସଭାପତି ସତ୍ୟପ୍ରକାଶ ପଣ୍ଡା, ଉପସଭାପତି ଚନ୍ଦ୍ରଧ୍ୱଜ ପଣ୍ଡା ସମସ୍ତ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

# ଅଭ୍ୟାସ ଟେକ୍ନୋ ସ୍କୁଲରେ କ୍ରୀଡ଼ା ପ୍ରତିଯୋଗିତା




ପଦ୍ମପୁର,୧୯।୧୨ (ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲା ପଦ୍ମପୁରସ୍ଥିତ ଅଭ୍ୟାସ ଟେକ୍ନୋ ସ୍କୁଲରେ ମଙ୍ଗଳବାର ତୃତୀୟ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଭାମିନି ସିଆର୍‌ପିଏଫ୍ କମାଣ୍ଡେଣ୍ଟ ଓପିଏସ୍-୧ ବ୍ରଜମୋହନ ନାୟକଙ୍କ ସହ ଆସିଷ୍ଟାଣ୍ଟ ନୀଳାମ୍ବର ପରିଡ଼ା, ଦୁଷ୍ମନ୍ତ ମହାପାତ୍ର, ଇନ୍ସପେକ୍ଟର ଦୀପ୍ତିରଞ୍ଜନ ସାମଲ ଯୋଗଦେଇ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ । ମଶାଲ ଯାତ୍ରାରେ ଆସିଥିବା ମଶାଲ ସ୍ଥାପନ ପରେ କ୍ରୀଡା ପ୍ରତିଯୋଗିତା ଶୁଭାରମ୍ଭ ହୋଇଥିଲା। ଏଥିରେ ଅଭ୍ୟାସ ଟେକ୍ନୋ ସ୍କୁଲର ଅଧକ୍ଷ ଦିବ୍ୟ ଦେବାଶିଷ ଦୁବେ, ସେକ୍ରେଟାରୀ ଲାଡି ତୁକାରମ, ମନୀଷା ପରିଚ୍ଛା, ଗାୟତ୍ରୀ ପଣ୍ଡା ଏବଂ ସମସ୍ତ ଷ୍ଟାଫ ସହଯୋଗ କରିଥିଲେ ।

# ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ପଦ୍ମପୁର,୧୯।୧୨ (ପ୍ରଶାନ୍ତ କୁମାର କର)

ପଦ୍ମପୁରସ୍ଥିତ ଆର.ଜି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ସୁବାସ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ସମ୍ମାନିତ ଅତିଥି ଭାବେ ବିଡ଼ିଓ ସୁଜିତ କୁମାର ମିଶ୍ର, ରାଜ୍ୟ ବିଜୁ ଛାତ୍ର ଜନତା ଦଳର ଉପସଭାପତି ପିଣ୍ଟୁ ପଣ୍ଡା,ବ୍ଲକ ଅଧକ୍ଷା ମଣିମାଳା ଶବର,ସ୍ଥାନୀୟ ସରପଞ୍ଚ କଣ୍ଡାଗିରି ପ୍ରକାଶ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅରୁଣ କୁମାର ମାନସିଂ ଯୋଗଦେଇଥିଲେ। ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଗ୍ରାମାଞ୍ଚଳର ଅନ୍ତର୍ନିହିତ ପ୍ରତିଭା ଲୋକଲୋଚନକୁ ଅଣାଯାଇପାରିବ ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ। ଗତ ୨୪ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ସାଂସ୍କୃତିକ ଓ କ୍ରୀଡା ପ୍ରତିଯୋଗିତା, ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ନୋଡାଲ ଅଫିସର ତଥା ବିଦ୍ୟାଳୟର ଇତିହାସ ବିଭାଗ ଅଧାପକ ଅଶୋକ ଦାସ ବିବରଣୀ ପାଠ କରିଥିଲେ । ଅଧାପକ ମନୋଜ ଶତପଥୀ, ରମେଶ ଚନ୍ଦ୍ର ପଣ୍ଡା, ରମେଶ ଚନ୍ଦ୍ର ଦୋରା, ପଞ୍ଚାନନ ଶତପଥି, ଶଙ୍କର ପ୍ରସାଦ ନାୟକ, ସନ୍ତୋଷ କୁମାର ରଣା, ମଲ୍ଲିକେଶ୍ୱର ନାଇଡୁ, ବିଦ୍ୟାବତୀ ନିମାଲୁ, ଦୀପ୍ତିମୟୀ ରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧାପକ ମନୋଜ ଶତପଥି ଅତିଥିଙ୍କୁ ସ୍ୱାଗତ କରିଥିଲେ। ଅଶୋକ ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ରମେଶ ଚନ୍ଦ୍ର ଦୋରା କୃତି ଛାତ୍ରୀଛାତ୍ରଙ୍କ ଫଳାଫଳ ଘୋଷଣା କରିଥିଲେ ।

# ଚନ୍ଦ୍ରପୁରରେ ବ୍ଲକ୍‌ସ୍ତରୀୟ ଲୋକ ମହୋତ୍ସବ ଚଇତି

ଚନ୍ଦ୍ରପୁର,୧୯।୧୨(ବିଜୟ ପ୍ରସାଦ ଉଲାକା)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଲୋକ ମହୋତ୍ସବ ଚଇତି ମହା ଆଡମ୍ବରରେ ପାଳିତ ହୋଇଛି। ଶତାଧିକ ଜନସାଧାରଣ ପ୍ରଥମେ ଏକ ବିରାଟ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ଫୋଲଫୋଲିଆ ନଦୀରୁ ପାଣି ସଂଗ୍ରହକରି ଗ୍ରାମ ଝାଲିଆଙ୍କ ଶକ୍ତିପୀଠରେ କଳସ ପୂଜା କରିଥିଲେ। ପରେ ସମସ୍ତ ଶ୍ରଦ୍ଧାଳୁ ଗାଁ ପରିକ୍ରମାକରି ଚଇତି ମଞ୍ଚରେ ପହଞ୍ଚିଥିଲେ। ମୁଖ୍ୟ ଅତିଥି ଭାବେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ସମ୍ମାନିତ ଅତିଥି ଭାବେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧୀର କୁମାର ଦାସ ଯୋଗଦେଇ ଚଇତି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ



ଚଇତି ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗନେଇଥିବା କଳାକାରମାନେ।

ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ନିରଞ୍ଜନ କହଁର, ବ୍ଲକ ଅଧକ୍ଷ କୈନ କିମାକା, ବିଡିଓ ଅକ୍ଷୟ କୁମାର ମଳିକ, ଜିଲା ପରିଷଦ ସଭ୍ୟ ସୁଜିତ ବ୍ରେଡକାଙ୍କ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କୃଷି, ଉଦ୍ୟାନ, ମୃତ୍ତିକା ସଂରକ୍ଷଣ, ଜୀବିକା ମିଶନ, ପ୍ରଭାତ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଆଇସିଡିଏସ୍ ସମେତ ସମସ୍ତ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର, ଏସ୍‌ଏଚ୍‌ଜି ଗୋଷ୍ଠୀର ମହିଳା ସଦସ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିସରରେ ବିଭିନ୍ନ ବିଭାଗ ତରଫରୁ ବିଭିନ୍ନ ପୁଷ୍ଟିକର ଖାଦ୍ୟର ଷ୍ଟଲ୍ ଖୋଲାଯାଇ ଲୋକଙ୍କୁ ସଚେତନ କରାଯାଇଥିଲା। ଚଇତି ଜିଲାର ଏକ ଗଣପର୍ବ। ଚଇତି ମାଧ୍ୟମରେ ଅଞ୍ଚଳରେ ଲୁକ୍କାୟିତ କଳା, ପ୍ରତିଭାଙ୍କୁ ଚିହ୍ନଟକରି ପ୍ରଚାରପ୍ରସାର କରିବା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ବୋଲ ଅତିଥିମାନେ ନିଜ ବକ୍ତବ୍ୟରେ କହିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ର ଓ କଳାକାରଙ୍କ ତରଫରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# କଂଗ୍ରେସର ନେତୃତ୍ୱ ବିକାଶ ମିଶନ କାର୍ଯ୍ୟକ୍ରମ

ଗୁଣପୁର/ବିଷମକଟକ,୧୯।୧୨ (ପ୍ରଦୀପ କୁମାର ପାଢ଼ୀ/ ବିଭୂତି ଭୂଷଣ ନାୟକ)

ଗୁଣପୁର ଓ ବିଷମକଟକଠାରେ ମଙ୍ଗଳବାର ଜିଲା ଅନୁସୂଚିତ ଜାତି ବିଭାଗ କଂଗ୍ରେସ କମିଟି ପକ୍ଷରୁ ନେତୃତ୍ୱ ବିକାଶ ମିଶନ ବୈଠକ ଅନୁଷ୍ଠିତ ହୋଇଛି । ବୁଥ୍‌ସ୍ତର ଓ ତୃଣମୂଳ ସ୍ତରରେ କଂଗ୍ରେସ କର୍ମୀଙ୍କୁ ଏକାଠିକରି ସଙ୍ଗଠନକୁ ମଜଭୁତ କରିବା, ଅନୁସୂଚିତ ଜାତି ଜନଜାତି ପଛୁଆବର୍ଗ ଓ ସଂଖ୍ୟାଲଘୁ ସମ୍ପ୍ରଦାୟର ନେତାଙ୍କୁ କଂଗ୍ରେସ ସହ ଯୋଡିବା, ଜନସାଧାରଣଙ୍କୁ ଉଚିତ ନ୍ୟାୟ ଦେଇପରିବା ନେଇ ଗୁଣପୁର ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ଆଲୋଚନା ହୋଇଥିଲା । ବୈଠକରେ ବିକାଶ ମିଶନର ଜାତୀୟ ସଂଯୋଜକ ମାନସ ମଲ୍ଲିକ, ଜାତୀୟ ପଛୁଆ ବର୍ଗ ସେଲ୍ ସଂଯୋଜକ ରାଜକିଶୋର ବାରିକ, ଜିଲା ସଭାପତି ବିଜୟ କୁମାର ଗମାଙ୍ଗଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

ସେହିପରି ବିଷମକଟକ ବ୍ଲକ ସଦର ମହକୁମାର ସ୍ଥାନୀୟ କଲ୍ୟାଣ ମଣ୍ଡପ ପରିସରରେ ଜିଲା କଂଗ୍ରେସ କମିଟି ସଭାପତି ବିଜୟ କୁମାର ଗମାଙ୍ଗଙ୍କ ସଭାପତିତ୍ୱରେ ନେତୃତ୍ୱ ବିକାଶ ମିଶନ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଅନୁସୂଚିତ ଜାତି ସେଲ୍ ଅଧକ୍ଷ ବାଙ୍କନିଧି ବେହେରା,ଏଲ୍‌ଡିଏମ୍ ଜାତୀୟ ସଂଯୋଜକ ମାନସ ମଲ୍ଲିକ, ଓବିସି ଜାତୀୟ ସଂଯୋଜକ ରାଜକିଶୋର ବାରିକ, ଓଡ଼ିଶା ପିସିସି ସାଧାରଣ ସମ୍ପାଦକ ଦୁର୍ଗାପ୍ରସାଦ ପଣ୍ଡା, ମୁଖପାତ୍ର ଶଙ୍କର୍ଷଣ ମଙ୍ଗରାଜ, ବିଧାୟକ ପ୍ରାର୍ଥୀ ନୀଳମାଧବ ହିକକା, ସରପଞ୍ଚ ନମିତା କୁଲେସିକା,ଝିଗିଡି ସରପଞ୍ଚ ଅଜିତ ସାରକା ଯୋଗଦେଇ ଆଲୋଚନା କରିଥିଲେ। ୨୦୨୪ ନିର୍ବାଚନରେ କଂଗ୍ରେସ ଦଳ ରାୟଗଡ଼ା ଜିଲାର ବିଷମକଟକ ବିଧାନସଭା ଆସନ ସହ କୋରାପୁଟ ଲୋକସଭା ଆସନକୁ ହାତେଇବା ଯୋଜନା ପ୍ରସ୍ତୁତ କରାଯାଇଛି । ବିଷମକଟକ ବିଧାନସଭା ନିର୍ବାଚନମଣ୍ଡଳୀ ଓ ବ୍ଲକସ୍ତରୀୟ କମିଟି ଗଠନ କରାଯାଇ ଦଳକୁ ଆହୁରି ମଜଭୁତ କରାଯିବ ଏବଂ ଯେଉଁ ପଞ୍ଚାୟତରେ ଦଳ ପଛରେ ଅଛି ସେଥିପ୍ରତି ଧ୍ୟାନ ଦିଆଯିବା ନେଇ ଆଲୋଚନା ହୋଇଥିଲା। ବୈଠକରେ ଜିଲାର ବିଭିନ୍ନ ବୁଥ୍‌ରୁ କଂଗ୍ରେସ କର୍ମୀମାନେ ଯୋଗଦେଇଥିଲେ।




ବିଷମକଟକ କଲ୍ୟାଣ ମଣ୍ଡପଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ କଂଗ୍ରେସ କର୍ମୀମାନେ ।

# ବ୍ଲକ୍‌ସ୍ତରୀୟ ଚଇତିରେ ଅବ୍ୟବସ୍ଥା ନେଇ ଅସନ୍ତୋଷ

ବିଷମ କଟକ, ୧୯।୧୨ (ବିଭୂତି ଭୂଷଣ ନାୟକ)

ବିଷମକଟକ ବ୍ଲକ୍‌ସ୍ତରୀୟ ଲୋକ ମହୋତ୍ସବ ଚଇତି କାର୍ଯ୍ୟକ୍ରମ ସଦର ବ୍ଲକସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟ ନିକଟସ୍ଥ ଖେଳ ପଡ଼ିଆରେ ଗତ ୧୬ ତାରିଖରେ ଅନୁଷ୍ଠିତ ହୋଇଛି। କିନ୍ତୁ ଉକ୍ତ ଉତ୍ସବ ପାଳନରେ ବ୍ୟାପକ ଅବ୍ୟବସ୍ଥା ହୋଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଚଇତି ପାଳନ ପାଇଁ ବ୍ଲକ୍ ପ୍ରଶାସନ ପକ୍ଷରୁ ବିଭିନ୍ନ ସଂଗଠନ, ବ୍ୟବସାୟିକ ପ୍ରତିଷ୍ଠାନ, କର୍ମଚାରୀ, ମିଲର ଏବଂ ବ୍ୟବସାୟୀଙ୍କଠାରୁ ଚାନ୍ଦା ଆଦାୟ କରାଯାଇଥିବା ଅଭିଯୋଗ ହୋଇଛି । ଚଇତି ପାଳନ ସକାଶେ ବ୍ୟାପକ ଭାବେ ଚାନ୍ଦା ଆଦାୟ କରାଯାଇଥିଲେ ମଧ୍ୟ ତା' ଠିକ୍ ଭାବରେ ଖର୍ଚ୍ଚ କରା ନ ଯାଇ ଅର୍ଥ ବାଟମାରଣା କରାଯାଇଥିବା ଅଭିଯୋଗ ହୋଇଛି । ଏପରିକି ୨୦୨୨ ଚଇତିର ବ୍ୟୟବରାଦ ହିସାବ ସାର୍ବଜନୀନ କରାଯାଉ ନ ଥିବାରୁ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତେଣୁ ୨ବର୍ଷର ଚଇତି ପାଳନ ବ୍ୟୟବରାଦ ସାର୍ବଜନୀନ କରାଯିବାକୁ ସାଧାରଣରେ ଦାବି ହେଉଛି।

ଚଇତି ପାଳନ ନେଇ ପ୍ରସ୍ତୁତି ବୈଠକରେ ପୂର୍ବ ବର୍ଷର ବ୍ୟୟବରାଦର ହିସାବ ମଗାଯିବା ଭୟରେ ଗଣମାଧ୍ୟମ




ପ୍ରତିନିଧି ଏବଂ ସାଧାରଣ ଜନତାଙ୍କୁ ସାମିଲ କରାଯାଇ ନ ଥିଲା। ଚଳିତ ବର୍ଷ ଚଇତି ଉତ୍ସବରେ କିଛି ଆଦିବାସୀ ନେତାଙ୍କୁ ଛାଡି ଦେଲେ ଅଞ୍ଚଳର ପ୍ରମୁଖ ଆଦିବାସୀ ନେତା, ଆଦିବାସୀ ସଂଗଠନଙ୍କୁ ଏଥିରେ ଆମନ୍ତ୍ରିତ କରାଯାଇ ନ ଥିବା ଅଭିଯୋଗ ହୋଇଛି । ଚଇତି କାର୍ଯ୍ୟକ୍ରମରେ ନିଜ ପ୍ରତିଭା ପ୍ରଦର୍ଶନ କରିବା ପାଇଁ ଆସିଥିବା ପ୍ରତିଯୋଗୀଙ୍କ ପାଇଁ ବସିବାର ସୁବିଧା ମଧ୍ୟ କରାଯାଇ ନ ଥିଲା । ଫଳରେ ବିଭିନ୍ନ ବିଦ୍ୟାଳୟରୁ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗନେବାକୁ ଆସିଥିବା ପ୍ରତିଯୋଗୀମାନେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଘଣ୍ଟା ଘଣ୍ଟା ଛିଡ଼ାହେବାକୁ ବାଧ୍ୟ ହୋଇଥିଲେ। ଅନ୍ୟପକ୍ଷରେ ଭିଆଇପି କଲଚରକୁ ପ୍ରୋତ୍ସାହିତ କଲା ଭଳି ତଳିଆ କର୍ମଚାରୀଠୁ ଆରମ୍ଭକରି ଅଧିକାରୀମାନେ ନିଜ ସପରିବାର ସହ ଆଗ ଧାଡିରେ ବସି କାର୍ଯ୍ୟକ୍ରମ ଉପଭୋଗ କରୁଥିବା ଦେଖିବାକୁ ମିଳିଥିଲା । ଅନ୍ୟପକ୍ଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଥିବା ସମୟରେ ୨ ଥର ମଞ୍ଚ ଭାଙ୍ଗିଯାଇଥିବା ଜଣାପଡିଛି। ତେବେ ଏହି ଅବହେଳାକୁ ସାର୍ବଜନୀନ ନ କରିବା ପାଇଁ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯିବା କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ କୌଣସି ଗଣମାଧ୍ୟମ ପ୍ରତିନିଧି ଏଥିରେ ସାମିଲ ହୋଇ ନ ଥିବା ଜଣାପଡ଼ିଛି। ଅନ୍ୟପଟେ ଚଇତି କାର୍ଯ୍ୟକ୍ରମ ସରିବାର ୨ ଦିନ ବିତିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଉକ୍ତ ସ୍ଥାନ ସଫେଇ କରାଯାଇ ନ ଥିବାରୁ କୁଢ କୁଢ ଆବର୍ଜନା ପଡିରହିଛି । ଆଗାମୀ ୨୪ଘଣ୍ଟା

**୨ବର୍ଷର ବ୍ୟୟବରାଦ ସାର୍ବଜନୀନ କରାଯିବାକୁ ଦାବି**

ମଧ୍ୟରେ ଚଇତି ମଣ୍ଡପର ଆବର୍ଜନା ସଫା ନ କରାଗଲେ ଆମେ ନିଜେ ଏ ସବୁ ସଫା କରି ବିଡିଓଙ୍କ କାର୍ଯ୍ୟାଳୟ ଆଗରେ ଥୋଇବାକୁ ବାଧ୍ୟ ହେବୁ ବୋଲି ମର୍ନିଂ ୱାକ୍ ଟିମ୍ ସଦସ୍ୟ କହିଛନ୍ତି । ଏ ସମ୍ପର୍କରେ ବିଷମକଟକ ବିଡିଓ ସଦାଶିବ ନାୟକଙ୍କୁ ପଚାରିବାରୁ କାର୍ଯ୍ୟବ୍ୟସ୍ତତା ଭିତରେ କିଛି ଅବ୍ୟବସ୍ଥା ହୋଇଥିବା ସେ ସ୍ୱୀକାର କରିଥିଲେ। ଚାନ୍ଦା ମଗାଯିବା ଘଟଣା ସମ୍ପର୍କରେ ପଚାରିବାରୁ ବ୍ଲକସ୍ତରୀୟ ଚଇତି ପାଳନ ନେଇ ପ୍ରଶାସନ ପକ୍ଷରୁ ଅନୁଦାନ ବ୍ୟବସ୍ଥା ନାହିଁ। ତେଣୁ ବ୍ଲକ୍ ପ୍ରଶାସନ ପକ୍ଷରୁ ବିଭିନ୍ନ ଅନୁଷ୍ଠାନକୁ ସ୍ପୋନ୍ସରଶିପ୍ ମଗାଯାଇଥିଲା। କିନ୍ତୁ ଅଧିକାଂଶ ଅନୁଷ୍ଠାନ ସ୍ପୋନ୍ସରଶିପ୍ ଦେଇ ନ ଥିବା ସେ କହିଥିଲେ। ସେହିପରି ନିମନ୍ତ୍ରିତ ଅତିଥିଙ୍କ କଥା ବୁଝିବା ଦାୟିତ୍ୱରେ ଏପିଓ ରହିଥିଲେ। କାର୍ଯ୍ୟ ଅବହେଳା ଯୋଗୁ ଏ ସବୁ ଅବ୍ୟବସ୍ଥା ହୋଇଥିବା ବିଡିଓ ନାୟକ କହିଛନ୍ତି। ଚଇତି ଉତ୍ସବରେ ହୋଇଥିବା ବ୍ୟପକ ଅବ୍ୟବସ୍ଥାକୁ ବ୍ଲକ୍ ଉପାଧକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ ସ୍ୱୀକାର କରିବା ସହ ଦୁଃଖ ପ୍ରକାଶ କରିଛନ୍ତି।

**ଆଜିଠୁ ଅମଲା ସଂଘର କଲମଛାଡ଼ ଆନ୍ଦୋଳନ**

ତେନ୍ତୁଳିଖୁଣ୍ଟି, (ଚିଦାନନ୍ଦ ସାହୁ)- ଅମଲା ସଂଘ ବୁଧବାରଠାରୁ କଲମଛାଡ଼ ଆନ୍ଦୋଳନ କରିବ। ମଙ୍ଗଳବାର ଏ ନେଇ ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ଅମଲା ସଂଘ ସଦସ୍ୟମାନେ ତହସିଲଦାର ଅଶୋକ କୁମାର ମୁଦୁଲିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ତେନ୍ତୁଳିଖୁଣ୍ଟି ଅମଲା ସଂଘ ସଦସ୍ୟ କୈଳାସ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଏକ ଦଳ ଏହି ଦାବିପତ୍ର ପ୍ରଦାନ କରିଛନ୍ତି।



## ସଂକ୍ଷେପରେ

### ଏଟିଏମ୍‌ରୁ ଶହେ ମାରିଲେ ବାହାରୁଛି ୫୦୦

ଲକ୍ଷ୍ମୀପୁର,ସୁନାବେଡ଼ା,୧୯।୧୨ (ଅନନ୍ତ ନାୟକ/କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ କାକିରିଗୁମ୍ମା ମୁଖ୍ୟ ବଜାର ନିକଟରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ ଏଟିଏମ୍‌ରୁ ଆକାଉଣ୍ଟଧାରୀ ଶହେ ଟଙ୍କା ଉଠାଇବାକୁ ବଟନ ଦାବିଲେ ଶହେ ଟଙ୍କା ବଦଳରେ ୫ଶହ ଟଙ୍କା ବାହାରୁଛି। ସେହିପରି ୨ଶହ ଟଙ୍କା ଉଠାଇବା ପାଇଁ ଚାହିଁଲେ ଏଟିଏମ୍‌ରୁ ୨ଟି ୫ଶହ ଟଙ୍କିଆ ଅର୍ଥାତ୍ ୧ ହଜାର ଟଙ୍କା ବାହାରୁଛି। ଏହି ଖବର ଜାଣିବା ପରେ ଗତ ୧୫ତାରିଖରେ ଟଙ୍କା ଉଠାଇବା ଲାଗି ଏଟିଏମ୍ ସମ୍ମୁଖରେ ଲୋକଙ୍କ ପ୍ରବଳ ଭିଡ଼ ହୋଇଥିଲା। ଏଟିଏମ୍‌ରେ ଟଙ୍କା ଭର୍ତ୍ତି କରୁଥିବା ସଂସ୍ଥା ଏହି ଖବର ପାଇବା ପରେ ଷ୍ଟେଟବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହାୟତାରେ ଶନିବାର ସେହି ମେଶିନରୁ ଟଙ୍କା ଉଠାଇଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟକରି ଟଙ୍କା ଫେରସ୍ତ ଲାଗି ଉଦ୍ୟମ କରୁଥିବା ଜଣାପଡିଛି। ଅନ୍ୟପକ୍ଷରେ ସଂସ୍ଥାର ମ୍ୟାନେଜର ଗୋଲକ ସାହୁ ଓ କେତେଜଣ କର୍ମଚାରୀ ରାତିରେ ଗ୍ରାମକୁ ଗ୍ରାମ ବୁଲି ଟଙ୍କା ଆଦାୟ କରୁଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଲୋକେ ଥାନାରେ ଜଣାଇବା ପରେ କାକିରିଗୁମ୍ମା ଥାନା ଅଧିକାରୀ ପ୍ରମିଳା ବିଡିକା ସଂସ୍ଥାର ମ୍ୟାନେଜର ସାହୁଙ୍କୁ ପଚରାଉଚରା କରିଛନ୍ତି। ଗ୍ରାହକଙ୍କଠାରୁ କିପରି ଟଙ୍କା ଫେରିପାଇବେ ସେନେଇ ସଂସ୍ଥାର କର୍ମଚାରୀ ଚିନ୍ତାରେ ପଡ଼ିଛନ୍ତି। ଏ ସମ୍ପର୍କରେ ସଂସ୍ଥାର ମ୍ୟାନେଜର ସାହୁଙ୍କୁ ପଚାରିଥିଲେ ମଧ୍ୟ ସେ କୌଣସି ଉତ୍ତର ଦେଇ ନ ଥିଲେ।

### ଜୟପୁର ମଡର୍ନ ଇଂରାଜୀ ସ୍କୁଲ ଛାତ୍ର ପ୍ରଥମ

ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା

ଜୟପୁର,୧୯।୧୨ (ପବନ ପାଣିଗ୍ରାହୀ )

କୋରାପୁଟ ଜିଲା ପାଇଁ ଗୌରବ ଆଣି ଦେଇଛନ୍ତି ଜୟପୁରସ୍ଥିତ ମଡର୍ନ ଇଂରାଜୀ ସ୍କୁଲର ଦଶମ ଶ୍ରେଣୀ ଛାତ୍ର ଏସ. ସତ୍ୟମ ଆଚାରୀ। ଜିଲା କୋର୍ଟ ପକ୍ଷରୁ ଜିଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ସତ୍ୟମ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ସଫଳତା ପାଇଛନ୍ତି। ତାଙ୍କୁ ରାଜ୍ୟ ସ୍ତରରେ ସମ୍ମାନିତ କରାଯାଇଛି। ଓଡ଼ିଶାର କୋର୍ଟ ପକ୍ଷରୁ ପ୍ରକାଶିତ ଓଡ଼ିଶା ଜୁଡିସିଆଲ କ୍ୟାଲେଣ୍ଡରରେ ମଧ୍ୟ ସତ୍ୟମଙ୍କ ଚିତ୍ର ସ୍ଥାନ ପାଇଥିବା ଜଣାପଡିଛି। ସତ୍ୟମଙ୍କ ଏହି ସଫଳତାରେ ବିଦ୍ୟାଳୟ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଖୁସି ପ୍ରକାଶ କରିଛନ୍ତି।

### ଚିତ୍ରକୋଣ୍ଡାରେ କିଡ୍‌ନୀ ରୋଗୀଙ୍କ ପାଇଁ ଡାଏଲିସିସ୍ ସେଣ୍ଟର

ଚିତ୍ରକୋଣ୍ଡା,୧୯।୧୨(କ୍ଷୀରୋଦ ବେହେରା)

ଜିଲା ପ୍ରଶାସନ ନିର୍ଦ୍ଦେଶରେ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟରେ ଖୁବଶୀଘ୍ର କିଡ୍‌ନୀ ରୋଗୀଙ୍କ ପାଇଁ ଡାଇଲିସିସ ସେଣ୍ଟର ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ଭୁବନେଶ୍ୱରସ୍ଥିତ ସଞ୍ଜିବନୀ ହସ୍ପିଟାଲର କନିଷ୍ଠ ସଂଯୋଜକ ସଇକତ ମଜୁମଦାର ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚି ଚିକିତ୍ସାଳୟ ଅଧିକ୍ଷ ଡାକ୍ତର କ୍ଷୀରୋଦ ଚନ୍ଦ୍ର ମହନ୍ତଙ୍କ ସହ ଆଲୋଚନା କରିଛନ୍ତି। ଡାଏଲିସିସ ସେଣ୍ଟର ପାଇଁ ଗୃହକୁ ମଜୁମଦାର ଚିହ୍ନଟ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଫୁଲ୍ଲ ନନ୍ଦଙ୍କୁ ଅବଗତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇ ଖୁବ ଶୀଘ୍ର ଡାଇଲିସିସ ସେଣ୍ଟର ଖୋଲିବ ବୋଲି ଜଣାପଡିଛି। ଏହି କେନ୍ଦ୍ର ଖୋଲିଲେ ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳବାସୀ ଉପକୃତ ହେବେ। ଗୃହ ଚିହ୍ନଟରେ ଚିକିତ୍ସାଳୟର ଆକାଉଣ୍ଟାଣ୍ଟ ରାଜେନ୍ଦ୍ର ଦାସ ସହଯୋଗ କରିଥିଲେ।

# ଉପଜିଲାପାଳ, ଜିଲା ଯୋଗାଣ ଅଧିକାରୀଙ୍କୁ ଘେରିଲେ ଚାଷୀ

■ ମଣ୍ଡି ଖୋଲିବାରେ ବିଳମ୍ବ
■ ପ୍ରତିଶ୍ରୁତି ଦେଲା ପ୍ରଶାସନ: ୨୨ରୁ ମଣ୍ଡି ହେବ

ଜୟପୁର, ୧୯।୧୨ (ପବନ ପାଣିଗ୍ରାହୀ)

ଖରିଫ ଧାନମଣ୍ଡି ଖୋଲିବାରେ ବିଳମ୍ବ ହେଉଥିବାରୁ ଏହାର ପ୍ରତିବାଦରେ ମଙ୍ଗଳବାର କୃଷକ କଲ୍ୟାଣ ମଞ୍ଚ ପକ୍ଷରୁ ଚାଷୀମାନେ ଜୟପୁର ଉପ ଜିଲାପାଳ ଓ ଜିଲା ଯୋଗାଣ ଅଧିକାରୀଙ୍କୁ ଘେରାଉ କରିଥିଲେ। ପରେ ତୁରନ୍ତ ମଣ୍ଡି ଖୋଲିବାକୁ ଦାବିକରି ଧାରଣା ଦେଇଥିଲେ। ଗତ ୧୪ ତାରିଖରେ ମଣ୍ଡି ଖୋଲିବା ପାଇଁ ଜିଲାସ୍ତରୀୟ ବୈଠକରେ ନିଷ୍ପତ୍ତି ହୋଇଥିଲା। ନିଷ୍ପତ୍ତି ଅନୁସାରେ ପ୍ରଶାସନ ଧାନ ମଣ୍ଡି ଖୋଲି ନ ଥିବାରୁ ଚାଷୀମାନେ ଉପ ଜିଲାପାଳ ପ୍ରଭାତ ପରିଡ଼ାଙ୍କୁ କାର୍ଯ୍ୟାଳୟ ବାହାରେ ପ୍ରାୟ ଦେଢଘଣ୍ଟା ଧରି ଘେରାଉ କରି ରଖିଥିଲେ। ଚାଷୀ ଓ ଉପଜିଲାପାଳ ପରିଡାଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ବର୍ତ୍ତମାନ ସୁଦ୍ଧା ମଣ୍ଡି ଆରମ୍ଭ ହୋଇ ନ ଥିବା ବେଳେ ମିଲରେ ଶହ ଶହ କୁଇଣ୍ଟାଲ ଧାନ ଗଚ୍ଛିତ ରହିଛି। ଏହି ଧାନ କେଉଁଠୁ ଆସିଛି ତାହାର ତଦନ୍ତ କରିବାକୁ ଚାଷୀ ଦାବିକରି ପ୍ରଶାସନ ମିଲର୍ସଙ୍କୁ ସମର୍ଥନ କରୁଥିବା ଅଭିଯୋଗ କରିଥିଲେ। ଜିଲାପାଳଙ୍କ ସହ ଆଲୋଚନା କରି ତୁରନ୍ତ ମଣ୍ଡି ଖୋଲିବାକୁ ନିଷ୍ପତ୍ତି ନେବେ




ଉପଜିଲାପାଳଙ୍କୁ ଘେରାଉ କରି ଧାରଣାରେ ବସିଛନ୍ତି ଚାଷୀ।

ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ମଞ୍ଚ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ୯ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ମଣ୍ଡି ଖୋଲି ତୁରନ୍ତ ଚାଷୀଙ୍କ ଧାନ କ୍ରୟ କରିବା, ଧାନମଣ୍ଡିଗୁଡିକ ମିଲ ମାଲିକଙ୍କ ଅନୁକମ୍ପାରେ ନ ଚାଲି ସରକାରଙ୍କ ବିକେନ୍ଦ୍ରୀକରଣ ଧାନ କ୍ରୟ ଗାଇଡ୍‌ଲାଇନ ଅନୁସରଣ କରାଯାଉ, କଟ୍‌ନି ଛଟ୍‌ନି ବନ୍ଦ କରିବା, ହ୍ୟାଣ୍ଡେଲିଂ ଦେୟ ଦେବା, ଖାଲି ଅଖା ଚାଷୀଙ୍କୁ ଫେରାଇବା, ଯେଉଁ ଚାଷୀ ବାହାର ରାଜ୍ୟ ବ୍ୟବସାୟୀଙ୍କୁ ଧାନ ବିକ୍ରି କରିବାକୁ ଚାହୁଁଛନ୍ତି ତାଙ୍କ ପ୍ରତି କୌଣସି ପ୍ରତିବନ୍ଧକ ନ ରଖିବା ଆଦି ଦାବି ଦାବିପତ୍ରରେ ଉଲ୍ଲେଖ ରହିଛି। ପରେ ଚାଷୀମାନେ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ଜିଲା ଯୋଗାଣ ଅଧିକାରୀ ପ୍ରଦୀପ ପଣ୍ଡାଙ୍କୁ କାର୍ଯ୍ୟାଳୟ ବାହାରେ ଘେରାଉ କରି ମଣ୍ଡି ଖୋଲିବାକୁ ଦାବି କରିଥିଲେ। ପରେ ଜିଲା ଯୋଗାଣ ଅଧିକାରୀ ପଣ୍ଡା ଆସନ୍ତା ୨୨ ତାରିଖରେ ମଣ୍ଡି ଖୋଲାଯିବ ଓ ଚାଷୀଙ୍କ ସମସ୍ତ ଧାନ କ୍ରୟ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପରେ ବୋରିଗୁମ୍ମା ବ୍ଲକ ଜୁନ ଜୋନ୍-୩ ଜିଲା ପରିଷଦ ସଭ୍ୟ ପିଙ୍କୁ ଶତପଥୀଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଜୟପୁର ଉପଜିଲାପାଳ ପରିଡାଙ୍କୁ ଭେଟି ଆଲୋଚନା କରିଥିଲେ। ବୋରିଗୁମ୍ମା ବ୍ଲକର ତରାଭଟ୍ଟାଠାରେ ଆର୍‌ଏମ୍‌ସି ୟାର୍ଡର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ସୁଦ୍ଧା ଏଯାଏ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ତୁରନ୍ତ ବିଦ୍ୟୁତ୍ ସଂଯୋଗ କରିବାକୁ ଅନୁରୋଧ କରିଥିଲେ।

## ଭିଜିଲାନ୍ସ ଜାଲରେ ଲମତାପୁଟ ଆର୍‌ଆଇ

କୋରାପୁଟ/ଜୟପୁର,୧୯।୧୨ (ଅମିତାଭ ବେହେରା/ ପବନ ପାଣିଗ୍ରାହୀ)

**ଆର୍‌ଆଇ ଗିରଫ, ପିଅନଙ୍କୁ ପଚରାଉଚରା ଜାରି**

ଜଣେ ବ୍ୟକ୍ତିଙ୍କ ଜମି ଚିହ୍ନଟ ପାଇଁ ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଲମତାପୁଟ ଆରଆଇ ବିଜୟ କୁମାର ବାଘ । ତାଙ୍କ କାର୍ଯ୍ୟାଳୟ ସମେତ ୩ଟି ସ୍ଥାନରେ ଖୋଲତାଡ଼ ଜାରି ରହିଛି। ଖବରରୁ ଜଣାପଡିଛି, କୋରାପୁଟ ଜିଲା ଲମତାପୁଟ ଆରଆଇ ଅଞ୍ଚଳ ଅଧୀନ ମାଲେଙ୍ଗା ଗ୍ରାମର ହରି ନାୟକ ତାଙ୍କର ଏକ ଜମି ଚିହ୍ନଟ କରିବା ପାଇଁ ଆର୍‌ଆଇଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ଜମି ଚିହ୍ନଟ ଲାଗି ଆର୍‌ଆଇ ବାଘ ତାଙ୍କଠାରୁ ୧୦ ହଜାର ଟଙ୍କା ଦାବି କରିଥିଲେ। ଏନେଇ ହରି ଜୟପୁର ଭିଜିଲାନ୍ସ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ମଙ୍ଗଳବାର ଆରଆଇ ବାଘ ହରିଙ୍କଠାରୁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ପୂର୍ବରୁ ଜଗି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରି ନେଇଥିଲେ। ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ ହୋଇଛି। ଏହି ଘଟଣାରେ ଆରଆଇ ଅଫିସ ପିଅନ ରୋହିତ ପାଢ଼ୀଙ୍କୁ ଅଟକ ରଖି ଅଧିକ ପଚରାଉଚରା କରାଯାଉଛି। ଶେଷରେ ଆରଆଇ ବାଘଙ୍କୁ ଗିରଫ କରାଯାଇଛି।

## ଶର୍ଟ ରେଞ୍ଜକୁ ଉଦ୍‌ଘାଟନ କଲେ ଜିଲାପାଳ

ଜୟପୁର, ୧୯।୧୨ (ପବନ ପାଣିଗ୍ରାହୀ)

ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପରିସରରେ ଏନ୍‌ସିସିର ଶର୍ଟ ରେଞ୍ଜକୁ ମଙ୍ଗଳବାର କୋରାପୁଟ ଜିଲାପାଳ ଅବଦୁଲ ମହମ୍ମଦ ଅଖତାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର ଓଏସ୍‌ଡି ପ୍ରଫେସର ଦେବୀପ୍ରସାଦ ମିଶ୍ର, କର୍ନେଲ ନବୀନ ପରାଶର, କୁଳ ସଚିବ ଗୋପାଳ ହାଲ୍‌ଦାର, ଏଏନ୍‌ଓ ଲକ୍ଷ୍ମଣ ପାତ୍ର, କମାଣ୍ଡାଣ୍ଟ ଜନ୍ ଏକ୍କା ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ଏନ୍‌ସିସି କ୍ୟାଡେଟକୁ ବନ୍ଧୁକ ଚାଳନା ପ୍ରଶିକ୍ଷଣ ପାଇଁ କୋରାପୁଟ ଯିବାକୁ ପଡୁଥିଲା। ଶର୍ଟ ରେଞ୍ଜ ପ୍ରତିଷ୍ଠା ଫଳରେ ଏଣିକି କ୍ୟାଡେଟ୍‌ମାନଙ୍କୁ ବନ୍ଧୁକ ଚାଳନା ଶିଖିବାକୁ ଆଉ କୋରାପୁଟ ଯିବାକୁ ପଡିବ ନାହିଁ। ଏନେଇ ସେମାନେ ଏଠାରେ ପ୍ରଶିକ୍ଷଣ ନେଇପାରିବେ। ଏଥିସହ ରାୟଗଡ଼ା, ମାଲକାନଗିରି ଓ କୋରାପୁଟ ଜିଲାର ଏନ୍‌ସିସି କ୍ୟାଡେଟଙ୍କ ଏଠାରେ କ୍ୟାମ୍ପ ପଡ଼ିଲେ ବନ୍ଧୁକ ଚାଳନା ଶିକ୍ଷା ସହ ସେମାନେ ପ୍ରଶିକ୍ଷଣ ମଧ୍ୟ ନେଇ ପାରିବେ।



ଜିଲାପାଳ ଅବ୍‌ଦଲ ଏମ୍ ଅଖତାର୍ ଉଦ୍‌ଘାଟନ କରିଥିବା ଶର୍ଟ ରେଞ୍ଜ।

# ମୋ ଜଙ୍ଗଲ ଜମି ସମ୍ପର୍କିତ କର୍ମଶାଳା

ନନ୍ଦପୁର, ୧୯।୧୨(ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ ପରିସର ବୈଠକ ଗୃହରେ ମଙ୍ଗଳବାର ନନ୍ଦପୁର ଓ ଲମତାପୁଟ ବ୍ଲକର ରାଜସ୍ୱ, ଜଙ୍ଗଲ ଓ ମଙ୍ଗଳ ବିଭାଗ କର୍ମଚାରୀଙ୍କ ଉପସ୍ଥିତିରେ ମୋ ଜଙ୍ଗଲ ଜମି ସମ୍ପର୍କିତ କର୍ମଶାଳା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନନ୍ଦପୁର ତହସିଲଦାର ଅନାଦି ଚରଣ ସାହୁ ଅଧ୍ୟକ୍ଷତା କରିଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏଫ୍‌ଇଏସ୍‌ର ପ୍ରଶିକ୍ଷକମାନେ ଉପସ୍ଥିତ ୨୧ଜଣ ସ୍ୱେଚ୍ଛାସେବୀ, ୧୦ଜଣ ଆର୍‌ଆଇ ୨ ଅମିନ, ୬ଜଣ ବନପାଳ ପ୍ରଶିକ୍ଷଣ ନେଇଥିଲେ। ଏନେଇ ସୂଚନା ଦେଇ ତହସିଲଦାର ସାହୁ ଅନୁସୂଚିତ ଜନଜାତି ଓ ପାରମ୍ପରିକ ବନବାସୀଙ୍କର ଜଙ୍ଗଲ ଅଧିକାର ସ୍ୱୀକୃତି ନିମନ୍ତେ ସେମାନେ ବସବାସ ଓ ଚାଷ କରୁଥିବା ଜଙ୍ଗଲ ଜମିର ପଟ୍ଟା ପ୍ରଦାନ ଲାଗି ୨୦୦୬, ୨୦୦୮ ଓ ୨୦୧୨ରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିୟମ ସମ୍ପର୍କରେ ସୂଚନା ଦେଇଥିଲେ। ରାଜ୍ୟରେ ବସବାସ କରୁଥିବା ୬୨ ପ୍ରକାର ଆଦିବାସୀଙ୍କୁ ୧୩ ଡିସେମ୍ବର ୨୦୦୫ ସୁଦ୍ଧା ଓ ଅଣ ଆଦିବାସୀଙ୍କୁ ୧୩




କର୍ମଶାଳାରେ ଉପସ୍ଥିତ ଅଧିକାରୀମାନେ।

ଡିସେମ୍ବର ୧୯୩୦ ପୂର୍ବରୁ ବସବାସ କରୁଥିବା ଜଙ୍ଗଲ ଜମିକୁ ସଂଶୋଧିତ ନିୟମ ୧୨ (୩) ପ୍ରକାରେ ବ୍ୟକ୍ତିଗତ ଅଧିକାର, ଗୋଷ୍ଠୀଗତ ଅଧିକାର, ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାର ଅନୁସାରେ ଚିହ୍ନଟ କରି ଜଙ୍ଗଲ ଅଧିକାର କମିଟି ଗଠନ ଓ ଜମି ପଟ୍ଟା ପ୍ରଦାନ କରିବାର ପ୍ରକ୍ରିୟା ସମ୍ପର୍କରେ ଅବଗତ କରାଯାଇଥିଲା। ରହିଥିବା ନିୟମ ଦୀର୍ଘ ୧୧ବର୍ଷ ଧରି କାର୍ଯ୍ୟକାରୀ ହେଉଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ବଣ ଜଙ୍ଗଲରେ ବସବାସ କରୁଥିବା କେତେଜଣ ଆଦିବାସୀ ଓ ଅଣ ଆଦିବାସୀ ଜଙ୍ଗଲ ଜମିପଟ୍ଟା ପାଇବାରୁ ବଞ୍ଚିତ ହୋଇ ରହିଛନ୍ତି। ରାଜ୍ୟ ସରକାର ଏହାକୁ ଗୁରୁତର ସହ ନେଇ ୨୦୨୪ ସୁଦ୍ଧା ସମସ୍ତଙ୍କୁ ମୋ ଜଙ୍ଗଲ ଜମି ଯୋଜନାରେ ପଟ୍ଟା ଦେବାକୁ ସ୍ଥିର କରିଥିବା ତହସିଲଦାର ସାହୁ ପ୍ରକାଶ କରିଥିଲେ। କର୍ମଶାଳାକୁ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁବ୍ରତ ପରିଡ଼ା ପରିଚାଳନା କରିଥିଲେ। ସୋମନାଥ ମୁଦୁଲି, ବବ୍ରୁବାହନ ଶବର, ଚନ୍ଦ୍ରଶେଖର ବେହେରା, ନୂତନ ଟାକ୍ରି, ଶୁଭେନ୍ଦୁ ପାଣିଗ୍ରାହୀ, ବନପାଳ ଗୋପୀନାଥ ପାଙ୍ଗୀ, ଚିତ୍ରସେନ ନାୟକ, ସୁନୀଲ ପାଢ଼ୀ, ପୂର୍ଣ୍ଣଚନ୍ଦ୍ର ପାଦୁକା, ଉମ୍ବରୁଧର ଗାଦବା ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଫେସର ଦେବବ୍ରତ ପଣ୍ଡାଙ୍କୁ ପ୍ଲାଣ୍ଟ ଫିଜିଓଲୋଜି ସମ୍ମାନ

କୋରାପୁଟ,୧୯।୧୨(ଅମିତାଭ ବେହେରା)

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟର ଜୈବ ବିବିଧତା ଏବଂ ପ୍ରାକୃତିକ ସମ୍ପଦର ସଂରକ୍ଷଣ ବିଭାଗ ସହକାରୀ ପ୍ରଫେସର ଡକ୍ଟର ଦେବବ୍ରତ ପଣ୍ଡା ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନୁଷ୍ଠିତ ଓଡ଼ିଶା ବଟାନିକାଲ୍ ସୋସାଇଟି (ଓବିଏସ)ର ୪୬ତମ ବାର୍ଷିକ ସମ୍ମିଳନୀରେ ପ୍ରଫେସର ଗଦାଧର ମିଶ୍ର ମେମୋରିଆଲ୍ ପ୍ଲାଣ୍ଟ ସାଇକୋଲୋଜି ପୁରସ୍କାର-୨୦୦୩ରେ ସମ୍ମାନିତ ହୋଇଛନ୍ତି। ଉତ୍ସବରେ ଏହି ସମୟରେ ଜାତୀୟ ଉଦ୍ଭିଦ ଗବେଷଣା ପ୍ରତିଷ୍ଠାନ ଲକ୍ଷ୍ନୌର ନିର୍ଦ୍ଦେଶିକା ଡ. ଅଜିତ ଶାସନୀ, ଓବିଏସ୍ ଅଧ୍ୟକ୍ଷା ପ୍ରଫେସର ଶାନ୍ତିଲତା ସାହୁ, ସମ୍ପାଦିକା ଡ. ସୁଜାତା ମହାନ୍ତି ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଡ. ପଣ୍ଡା କୋରାପୁଟର ବିଭିନ୍ନ ଆଦିବାସୀ ଅଞ୍ଚଳରୁ ଦେଶୀ ଚାଉଳ, ୩୦ଟି ସ୍ଥାନୀୟ ଫିଙ୍ଗର ମିଲେଟ୍, ନାଇଜରର ୩୦ଟି ସ୍ଥାନୀୟ ଓ ୮ଟି ବିଭିନ୍ନ ବନ୍ୟ ଖାଦ୍ୟ ସଂଗ୍ରହ କରିବା ସହ ଆଦିବାସୀଙ୍କ ସ୍ଥାନୀୟ ଅର୍ଥନୀତିକୁ ପ୍ରୋତ୍ସାହିତ କରିବା ପାଇଁ ସଂରକ୍ଷଣ ଓ ବାଣିଜ୍ୟିକୀକରଣ ପାଇଁ ପଦକ୍ଷେପ ନେଇଥିଲେ। ଏହି ସମ୍ମିଳନୀରେ ପଣ୍ଡାଙ୍କ ସମେତ ଗବେଷକ ଆଲୋକିକା ପଣ୍ଡା ମଧ୍ୟ ଶ୍ରେଷ୍ଠ ମୌଖିକ ଉପସ୍ଥାପନା ପୁରସ୍କାର ପାଇଥିଲେ।

## ଶକ୍ତି ସଂରକ୍ଷଣ ନେଇ ସଚେତନତା ବାର୍ତ୍ତା ବାଣ୍ଟିଲେ ଛାତ୍ରୀଛାତ୍ର

ପଟ୍ଟାଙ୍ଗି,୧୯।୧୨(ଶରତ ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ଅମ୍ବାବାଲି ପଞ୍ଚାୟତ ସଦର ମହକୁମାସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଏକ ଶୋଭାଯାତ୍ରା ମଙ୍ଗଳବାର ବିଭିନ୍ନ ଗ୍ରାମ ପରିକ୍ରମା କରିଛି। ଶକ୍ତି ସଂରକ୍ଷଣ ନେଇ ଛାତ୍ରୀଛାତ୍ରମାନେ ଗ୍ରାମବାସୀଙ୍କୁ ସଚେତନ କରିଥିଲେ। ପ୍ରଥମେ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଲବଙ୍ଗଲତା ବାରିକଙ୍କ ଅଧ୍ୟକ୍ଷତାରେ ଛାତ୍ରୀଛାତ୍ରଙ୍କ ସହ ପରିଚାଳନା କମିଟି ସଦସ୍ୟ ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ଏକ ବୈଠକ ହୋଇଥିଲା। ବୈଠକରେ ଶକ୍ତି ସଂରକ୍ଷଣର ମୂଳ ଉଦ୍ଦେଶ୍ୟ, ଏହାର ଉପକାରିତା ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ବାରିକ ବୁଝାଇଥିଲେ। ପରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମାକରି ଲୋକଙ୍କୁ ସଚେତନ କରିଥିଲା। ଏହି ସମୟରେ ଶିକ୍ଷକ କେଶବ ଚନ୍ଦ୍ର ପାତ୍ର, କୋମନା ସନ୍ତୋଷ, ମୋହନ ବାଙ୍କା, ରମେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଆଞ୍ଚଳିକ ନିର୍ଦ୍ଦେଶକଙ୍କ ନୂଆ -ଓ କାର୍ଯ୍ୟକ୍ରମ ତଦାରଖ

ନନ୍ଦପୁର, ୧୯।୧୨ (ଶଙ୍କର ପୂଜାରୀ)

ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସମ୍ପୃକ୍ତି ଯୁବ ବିକାଶ କାର୍ଯ୍ୟକ୍ରମ ଅନ୍ତର୍ଗତ ନୂତନ ଉନ୍ନତ ଅଭିଳାଷ ଓଡ଼ିଶା (ନୂଆ-ଓ) କାର୍ଯ୍ୟକ୍ରମ ନନ୍ଦପୁର ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡ଼ା, ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମକୁ ସମୀକ୍ଷା କରିବା ଲାଗି ଉଚ୍ଚଶିକ୍ଷା ବିଭାଗର ଜୟପୁର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ତ୍ରିନାଥ ପ୍ରସାଦ ରଥ ଗସ୍ତ କରିଥିଲେ। ସେ ଗେରୁପୁଟ ଖେଳ ପଡ଼ିଆଠାରେ ଉପସ୍ଥିତ ରହି ଏହାର ସମୀକ୍ଷା କରିଥିଲେ। ଏବେ ପାଠପଢ଼ାର ଗୁରୁତ୍ୱ ଯେତିକି ରହିଛି ସେହି ଅନୁସାରେ ଶରୀରକୁ ସୁସ୍ଥ ରଖିବା ସେତିକି ଗୁରୁତ୍ୱପୂର୍ଣ୍ଣ। ଏକ୍ଷେତ୍ରରେ ବିଭିନ୍ନ କ୍ରୀଡ଼ା ଶରୀରକୁ ସୁସ୍ଥ ରଖିଥାଏ ବୋଲି ନିର୍ଦ୍ଦେଶକ ରଥ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଅମର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଚାଲିଥିବା କ୍ରୀଡ଼ା ପ୍ରତିଯୋଗିତାର ବାଳିକା ବିଭାଗର ୧ ଶହ ମିଟର ଦୌଡ଼ ପ୍ରତିଯୋଗିତାକୁ ରଥ ଉଦ୍‌ଘାଟନ କରିଥିଲେ। ନୋଡାଲ ଅଧିକାରୀ ଅଧ୍ୟାପକ କିଶୋର ଚନ୍ଦ୍ର ବେହେରା ପରିଚାଳନା କରିଥିଲେ। ବରିଷ୍ଠ ଅଧ୍ୟାପିକା ସ୍ନେହଲତା ସେଠୀ, ଏମ୍.ଜୟା, ସୁରଭି ପାଣିଗ୍ରାହୀ, ସନ୍ତୋଷ ହନ୍ତାଳ, ଭଗବାନ ଖରା, କେଦାର ସାହୁକାର, ନରସିଂହ ଖୋସଲାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ୪୧ ଦିନ ଦୀକ୍ଷା ପରେ ଆୟାପ୍ପା ଭକ୍ତଙ୍କ କେରଳର ସାବରିମାଳା ଯାତ୍ରା

ମାଲକାନଗିରି,୧୯।୧୨ (ଦୁର୍ଯ୍ୟୋଧନ ପାତ୍ର)

ଦୁର୍ଗା ପୂଜା ପରେ ମାଲକାନଗିରି ଜିଲାରେ ଶତାଧିକ ଶିଶୁ, ଯୁବକ, ବୃଦ୍ଧାବୃଦ୍ଧ ବିଭିନ୍ନ ଦୀକ୍ଷା ନେଇଥାନ୍ତି। ଏହି ଦିକ୍ଷାମାନଙ୍କ ମଧ୍ୟରେ ଭବାନୀ ଦୀକ୍ଷା ଓ ଆୟାପ୍ପା ଦୀକ୍ଷା ଅନ୍ୟତମ। ଏହି ଦୁଇଟି ଦୀକ୍ଷା ମଧ୍ୟରୁ ଭବାନୀ ଦୀକ୍ଷାରେ ଦିକ୍ଷିତମାନେ ଲାଲ ବସ୍ତ୍ର ପରିଧାନ କରିଥିବା ବେଳେ ଆୟାପ୍ପା ଦିକ୍ଷାଧାରୀମାନେ କଳା ବସ୍ତ୍ର ପରିଧାନ କରିଥାନ୍ତି। ଏହି ଦୁଇ ଦିକ୍ଷାଧାରୀମାନେ ବିଭିନ୍ନ ମନ୍ଦିର ଓ ସ୍ୱତନ୍ତ୍ର ଭାବେ ଅସ୍ଥାୟୀ ଗୃହ ନିର୍ମାଣ କରି ତାଙ୍କର ୪୧ ଦିନିଆ ଦୀକ୍ଷା ଗୃହ ଅବା ମନ୍ଦିରରେ ରୀତି ନୀତି ଅନୁଯାୟୀ ପାଳନ କରିଥାନ୍ତି। ଦିନକୁ ଥରେ ମାତ୍ର ଭୋଜନ କରନ୍ତି। ଏହି ଦିକ୍ଷା ଗ୍ରହଣ କରିଥିବା ସମୟରେ ଖାଲି ପାଦରେ ଚାଲିବା, ତଳେ ବିନା ବିଛଣାରେ ଶୋଇବା, ଦିନକୁ ତିନିଥର ସ୍ନାନ କରିବା, ଶୀତ ବସ୍ତ୍ର କିମ୍ବା ଶୟନ ବେଳେ କମ୍ବଳ କିମ୍ବା ଚାଦର ବ୍ୟବହାର ନ କରିବା ଆଦି ନିୟମ ପାଳନ କରି ସେମାନେ ୪୧ ଦିନ ସମାପନ କରନ୍ତି। ପରେ ଆୟାପ୍ପା ଭକ୍ତମାନେ କେରଳର ସବରିମାଳା ମନ୍ଦିରକୁ ଯାଇ ସେଠାରେ ପୂଜାର୍ଚ୍ଚନା କରି ନିଜର ଦୀକ୍ଷା ଶେଷ କରନ୍ତି। ସେହିପରି ଭବାନୀ ଦିକ୍ଷାଧାରୀମାନେ ବିଜୟୱାଡା କନକ ଦୁର୍ଗା ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରି ନିଜ ଦୀକ୍ଷା ଶେଷ କରନ୍ତି। ଚଳିତ ବର୍ଷ ମାଲକାନଗିରି ସଦର ମହକୁମାରେ ଭୈରବ ମନ୍ଦିର, ମଲ୍ଲିକେଶ୍ୱର ମନ୍ଦିର ଓ ଜଗନ୍ନାଥ ମନ୍ଦିର ପରିସରରେ ଶତାଧିକ ଆୟାପ୍ପା ଦିକ୍ଷାଧାରୀ ଦିକ୍ଷା ନେଇଥିଲେ। ସେମାନଙ୍କ ଦୀକ୍ଷା ୪୧ ଦିନ ପୂରଣ ହୋଇଥିବାରୁ ମଙ୍ଗଳବାର ଆୟାପ୍ପା ଦିକ୍ଷା ଧାରୀ ମନ୍ଦିରରେ ପୂଜାର୍ଚ୍ଚନା ପରେ କେରଳର ସାବରିମାଳା ମନ୍ଦିର ଅଭିମୁଖେ ଯାତ୍ରା କରିଛନ୍ତି।



ଦୀକ୍ଷା ଶେଷପରେ ଆୟପ୍ପା ଦିକ୍ଷାଧାରୀ ମନ୍ଦିରରେ ପୂଜାର୍ଚ୍ଚନା କରୁଛନ୍ତି ।

## ୯୨ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିଯୁକ୍ତି

ମାଲକାନଗିରି, ୧୯।୧୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ୯୨ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିଯୁକ୍ତି ମିଳିଛି। ସେମାନଙ୍କୁ ବୁଧବାର ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ବିଷୟରେ ପରାମର୍ଶ ଦେବାର କାର୍ଯ୍ୟକ୍ରମ ରହିଛି। ନିଯୁକ୍ତି ପାଇଥିବା ଏହି ଶିକ୍ଷୟିତ୍ରୀ ଶିକ୍ଷକମାନେ ଜିଲାର ବିଭିନ୍ନ ଅଞ୍ଚଳରେ ଥିବା ବିଦ୍ୟାଳୟରେ ଶିକ୍ଷାଦାନ କରିବେ।

## ଚାଉଳମେଣ୍ଡି ପଞ୍ଚାୟତରେ ଅକ୍ଷତ କଳସକୁ ସ୍ୱାଗତ

ମାଥିଲି, ୧୯।୧୨(ସୁବାଷ ଚନ୍ଦ୍ର ଖୁଡୁପିଆ)

ଜାନୁଆରୀ ୨୨ରେ ଅଯୋଧ୍ୟାରେ ରାମମନ୍ଦିର ପ୍ରତିଷ୍ଠା ହେବ। ଏହି ଅବସରରେ ମାଲକାନଗିରି ଜିଲା ମାଥିଲି ବ୍ଲକ ଚାଉଳମେଣ୍ଡି ପଞ୍ଚାୟତରେ ପହଞ୍ଚିଥିବା ଅକ୍ଷତ କଳସକୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଚାଉଳମେଣ୍ଡି ପଞ୍ଚାୟତ ପାଇଁ ଆସିଥିବା ୨୩ଟି ଅକ୍ଷତ କଳସକୁ ଗ୍ରାମବାସୀ ସ୍ୱାଗତ କରିଥିଲେ। ଜାନୁଆରୀ ୧ରୁ ୧୫ ମଧ୍ୟରେ ଅକ୍ଷତ ନିମନ୍ତ୍ରଣ ପତ୍ର ଓ ପ୍ରଭୁ ଶ୍ରୀ ରାମଙ୍କ ଫୋଟଚିତ୍ରକୁ ପ୍ରତି ଘରେ ପହଞ୍ଚାଇବା କାର୍ଯ୍ୟକ୍ରମ ରହିଛି ।

# ନୂଆ ଓଡ଼ିଶା, ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

ବୈପାରିଗୁଡ଼ା,୧୯।୧୨(କଳ୍ପତରୁ ମହାନ୍ତି)

ବୈପାରିଗୁଡ଼ା ବ୍ଲକ ଅନ୍ତର୍ଗତ କାକଲପଡ଼ା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ରବିବାର ନୂଆ ଓଡ଼ିଶା, ଯୁବ ଓଡ଼ିଶା ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ କୋରାପୁଟ ବିଧାୟକ ରଘୁରାମ ପଡାଲ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ଅଞ୍ଚଳର ଆଇନଜୀବୀ ଗୌରଚନ୍ଦ୍ର ପାତ୍ର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ଆର୍. ରୋହିତ କୁମାର, ସମିତି ସଭ୍ୟା ସାବିତ୍ରୀ ନାୟକ, ସୀମାଞ୍ଚଳ ପାତ୍ର,ଦାମିନ୍ଦା ରାଓ, ସୁବାସ ଚନ୍ଦ୍ର ଡାକଆ ଓ କୃଷ୍ଣଚନ୍ଦ୍ର ବେରକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ସାଂସ୍କୃତିକ, କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ବିଧାୟକ ପୁରସ୍କାର ପ୍ରଦାନ କରଥିଲେ। ସୂଚନାଯୋଗ୍ୟସ୍, ଏହି କାର୍ଯ୍ୟକ୍ରମ ଗତ ୬ ତାରିଖରୁ ଆରମ୍ଭ ହୋଇଥିଲା । ବିଦ୍ୟାଳୟ ଛାତ୍ରୀଛାତଙ୍କ ଦ୍ୱାରା ସଡ଼କ ସୁରକ୍ଷା, ନିଶା ନିବାରଣ ଓ ନାରୀ ଶିକ୍ଷାକୁ ନେଇ ସଚେତନତା ରାଲି ଓ ପଥ ପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା । ବିଦ୍ୟାଳୟର ଅଧ୍ୟକ୍ଷ ଆଲୋକ ରଞ୍ଜନ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




କ୍ରୀଡ଼ା ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରୀଛାତ୍ର।

# ଦେଶ ବିକାଶରେ ଅଗ୍ରଣୀ ଭୂମିକା ନିଅନ୍ତୁ ଛାତ୍ରୀଛାତ୍ର

**ବିଦ୍ୟାଳୟରେ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ**

ଲକ୍ଷ୍ମୀପୁର, ୧୯।୧୨ (ଅନନ୍ତ ନାୟକ)

ଲକ୍ଷ୍ମୀପୁର ବ୍ଲକ କାକିରିଗୁମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟ ଅଧ୍ୟକ୍ଷ ଉପେନ୍ଦ୍ର ସୁନାନି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ଡାଳବନ୍ଧୁ ମହାକୁଡ, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସଭାପତି ଜିତେନ୍ଦ୍ର ବିଶୋୟୀ, ସିଆର୍‌ସିସି ଜି.ଭେଙ୍କଟ ରାଓ, କାକିରିଗୁମା ସରପଞ୍ଚ ପୃଷ୍ଟ ସାଉନ୍ତା, ଗୋଡଗୁଡ଼ା ପୂର୍ବତନ ସରପଞ୍ଚ ଉମ୍ବରୁଧର ମୁଦୁଲି, ଶିକ୍ଷକ ଶଙ୍କର ସାଉନ୍ତା ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ସୁନାଗରିକ ହୋଇ ସୁସ୍ଥ ସମାଜ ଗଠନ ସହ ଦେଶର ବିକାଶରେ ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ସପ୍ତାହ ଧରି ଚାଲିଥିବା କ୍ରୀଡ଼ା, ସାଂସ୍କୃତିକ, ସାମାଜିକ କାର୍ଯ୍ୟକ୍ରମର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ସଞ୍ଜୀବ ବିଶୋୟୀ, ତନିଭ୍ ଅଗ୍ରୱାଲ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଶ୍ରୀକାନ୍ତ ଆଚାର୍ଯ୍ୟ, ପ୍ରଦୀପ ପଣ୍ଡା, କୁଶଧ୍ୱଜ ମଙ୍ଗରାଜ, ବିଷ୍ଣୁପ୍ରିୟା ବିଶୋୟୀ, କେ. ଗଙ୍ଗୋତ୍ରୀ, ପ୍ରିୟମ୍ବଦା ରାଉତ, ପ୍ରିୟଙ୍କା ସାହୁ ପ୍ରମୁଖ ସହଯୋଗ କରିଥିଲେ। ସନ୍ଧ୍ୟାରେ ସଂସ୍କୃତି କାର୍ଯ୍ୟକ୍ରମ ହୋଇଥିଲା।




ଅତିଥିମାନେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

**କାର ଛାଡି ଗଞ୍ଜେଇ ଚାଲାଣକାରୀ ଫେରାର**

କୋରାପୁଟ,(ଅମିତାଭ ବେହେରା)- ଜଲାପୁଟ ଅଞ୍ଚଳରୁ ଏକ କାରରେ ଗଞ୍ଜେଇ ଚୋରା ଚାଲାଣ ବେଳେ ମାଛକୁଣ୍ଡ ପୋଲିସ ଏହାକୁ ଜବତ କରିଛି। ପୋଲିସକୁ ଦେଖି ଚୋରାଚାଲାଣକାରୀମାନେ କାର (ଏପି୩୭ଏଆର -୨୭୪୫) ଛାଡି ଫେରାର ହୋଇଯାଇଥିଲେ। ଏହି କାରରେ ଗଞ୍ଜେଇ ଆସୁଥିବା ଖବରପାଇ ମାଛକୁଣ୍ଡ ପୋଲିସ ଗାଡିକୁ ପିଛା କରିଥିଲା। କିଛି ବାଟ ଯିବା ପରେ ଗଞ୍ଜେଇ ଚାଲାଣକାରୀମାନେ ଖେମୁଣ୍ଡୁପୁଟ ଗାଁ ନିକଟସ୍ଥ ଜଙ୍ଗଲରେ କାର ଛାଡି ଫେରାର ହୋଇଯାଇଥିଲେ। ୧୭୦/୨୩ରେ ଏକ ମାମଲା ରୁଜୁ ହୋଇଛି। ଗାଡିରୁ ୧୦୪ କେ.ଜି ଗଞ୍ଜେଇ ଜବତ ହୋଇଛି।

## ସଂକ୍ଷେପରେ

### କେନ୍ଦ୍ର ଆଦିବାସୀ ମନ୍ତ୍ରୀଙ୍କୁ ଭେଟିଲେ ନବରଙ୍ଗପୁର ଏମ୍‌ପି



ନବରଙ୍ଗପୁର, ୧୯।୧୨(ସଦାଶିବ ପ୍ରହରାଜ)

କୋରାପୁଟ ଜିଲାରେ ବସବାସ କରୁଥିବା ଦୁରୁଆ ଉପଜାତିକୁ ଅନୁସୂଚିତ ଜନଜାତିରେ ମିଶ୍ରଣ ପାଇଁ କେନ୍ଦ୍ର ଆଦିବାସୀ ମନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କୁ ଭେଟି ନବରଙ୍ଗପୁର ଏମପି ରମେଶ ମାଝି ଦାବି କରିଛନ୍ତି। ସେ ଏକ ଦାବିପତ୍ର ମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। କୋରାପୁଟ ଜିଲାର କୋଟପାଡ଼, କୁନ୍ଦୁରା ଓ ଅନ୍ୟ ଅଞ୍ଚଳରେ ଦୁରୁଆ ଉପଜାତିର ଲୋକେ ବସବାସ କରୁଛନ୍ତି। ସେମାନଙ୍କ ଚାଲିଚଳନୀ, ଦୈନନ୍ଦିନ ଜୀବନଯାପନ, ସାମାଜିକ ଏବଂ ଅର୍ଥନୈତିକ ଅବସ୍ଥାକୁ ଆଧାର କରି ଓଡ଼ିଶା ସରକାର ଅନୁସୂଚିତ ଜନଜାତିରେ ସାମିଲ ପାଇଁ ଚିଠି କରିଛନ୍ତି। ଏହି ପରିପ୍ରେକ୍ଷୀରେ ଦୁରୁଆ ଜାତିକୁ ଅନୁସୂଚିତ ଜନଜାତିରେ ସାମିଲ କରିବା ପାଇଁ ପୁଣି ଥରେ ଏମ୍‌ପି ରମେଶ ମାଝି ଦାବି ଜଣାଇଛନ୍ତି।

# ଗିରଫ ହେଲେ ବ୍ରାଞ୍ଚ୍ ମ୍ୟାନେଜର

■ ଆଇଡିବିଆଇ ବ୍ୟାଙ୍କରୁ କୋଟିଏ ଟଙ୍କା ହେରଫେର ଘଟଣା

■ ବ୍ୟକ୍ତିଗତ ଋଣ ପରିଶୋଧ ପାଇଁ ହେରଫେର କରିଥିବା ପୋଲିସର ସୂଚନା

ନବରଙ୍ଗପୁର, ୧୯।୧୨(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଆଇଡିବିଆଇ ବ୍ୟାଙ୍କ ଶାଖାରୁ ୧ କୋଟି ଟଙ୍କା ହେରଫେର ଘଟଣାରେ ବ୍ୟାଙ୍କ ମ୍ୟାନେଜର ଅଞ୍ଜନ କୁମାର ଶତପଥୀଙ୍କୁ ନବରଙ୍ଗପୁର ପୋଲିସ ଗିରଫକରି କୋର୍ଟ ଚାଲାଣ କରିଛି। ଏ ନେଇ ନବରଙ୍ଗପୁର ଥାନାରେ ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭଉରା ଏକ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। ବ୍ୟାଙ୍କ ମ୍ୟାନେଜର ନିଜର ବ୍ୟକ୍ତିଗତ ଋଣ ପରିଶୋଧ ପାଇଁ ଏହି ହେରଫେର କରିଛନ୍ତି। ମ୍ୟାନେଜର ଶତପଥୀ ବ୍ରହ୍ମପୁର ଅଞ୍ଚଳର ୮ ଜଣଙ୍କ ଆକାଉଣ୍ଟକୁ ୬୩ ଲକ୍ଷ ପଠାଇଥିବାବେଳେ ୩୭ ଲକ୍ଷ ଟଙ୍କା ନିଜେ ନେଇଯାଇଥିଲେ ବୋଲି ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ କହିଛନ୍ତି।

ପୋଲିସ ସୂଚନାନୁଯାୟୀ, ବ୍ୟାଙ୍କର ବ୍ରହ୍ମପୁର ଆଞ୍ଚଳିକ ମୁଖ୍ୟ ଡିଜିଏମ୍ ସ୍ୱରୂପ ଦତ୍ତ ୧ କୋଟି ଟଙ୍କାର ଆର୍ଥିକ ଅନିୟମିତତା ହୋଇଥିବା ନେଇ ନବରଙ୍ଗପୁର ଥାନାରେ ଗତ ୧୬ ତାରିଖରେ ଏତଲା ଦେଇଥିଲେ। ପରେ ପୋଲିସ ନଂ.୫୨୩/୨୩ରେ ଏକ ମାମଲା ରୁଜୁକରି ବ୍ୟାଙ୍କକୁ ଯାଇ ସମସ୍ତ ରେକର୍ଡ ଯାଞ୍ଚ କରିବା ସହ ବ୍ୟାଙ୍କର କର୍ମଚାରୀଙ୍କୁ ତଦନ୍ତ ପରିସରଭୁକ୍ତ କରିଥିଲା। ସନ୍ଦେହରେ ବ୍ୟାଙ୍କ ମ୍ୟାନେଜର ଶତପଥୀଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ମ୍ୟାନେଜର ନିଜର ବ୍ୟକ୍ତିଗତ ଋଣ ପରିଶୋଧ କରିବା ପାଇଁ ଏହି ଟଙ୍କା ହଡ଼ପ କରିଥିବା ନେଇ ଜଣାପଡ଼ିଥିବା ପୋଲିସ କହିଛି। ଶତପଥୀ ପ୍ରାୟ ଦେଢ଼ବର୍ଷ ହେବ ବ୍ୟାଙ୍କରୁ ଟଙ୍କା ନେଇଚାଲିଥିଲେ। ମ୍ୟାନେଜରଙ୍କ ନିଜ ଘର ବ୍ରହ୍ମପୁର ଅଞ୍ଚଳରେ। ସେ ବ୍ରହ୍ମପୁରର କେତେଜଣ ବ୍ୟକ୍ତିଙ୍କ ପାଖରୁ ଚଢ଼ା ସୁଧରେ ଋଣ ନେଇଥିଲେ। ପରେ ସେହି ଟଙ୍କାକୁ କିନ୍ତୁ ଶୁଝିପାରି ନ ଥିଲେ। ଋଣ ଦେଇଥିବା ବ୍ୟକ୍ତିମାନେ ତାଙ୍କୁ ଟଙ୍କା ଦେବା ପାଇଁ ବାରମ୍ବାର ଚାପ ପକାଇବା ପରେ ବ୍ୟାଙ୍କରୁ ବେଆଇନ ଭାବେ ଟଙ୍କା ନେଇ ଋଣ ପରିଶୋଧ କରିଥିବା ପୋଲିସ ସୂଚନା ଦେଇଛି। ବ୍ୟାଙ୍କ ଭୋଲ୍‌ଟରେ ପ୍ରାୟ ୨୦ ଲକ୍ଷ ଟଙ୍କା ରହିବ। ତା'ଠାରୁ ଅଧିକ ହେଲେ ତାହାକୁ ଏସ୍‌ବିଆଇ କରେନ୍ସି ଚେଷ୍ଟରେ ଜମା କରିବା ନିୟମ ରହିଛି। ମାତ୍ର ମ୍ୟାନେଜର ଶତପଥୀ କ୍ୟାଶିୟରଙ୍କଠାରୁ ଟଙ୍କା ନେଇ ବ୍ରହ୍ମପୁର ଅଞ୍ଚଳର ୮ ଜଣଙ୍କ ଆକାଉଣ୍ଟରେ ୬୩ ଲକ୍ଷ ଜମା କରିଛନ୍ତି। ଭୋଲ୍‌ଟ କେସ୍‌ରୁ ଏସ୍‌ବିଆଇ ଆକାଉଣ୍ଟରେ ଜମା କରିବେ କହି ଟଙ୍କା ନେଇଥିଲେ। କିନ୍ତୁ ତାହାକୁ ଜମା ନ କରି ନିଜ ପାଖରେ ରଖିଥିଲେ। ଡିସେମ୍ବରରେ ସେ ଛୁଟିରେ ଯିବା ପରେ ଯେଉଁ ମ୍ୟାନେଜର ଚାର୍ଜରେ ରହିଥିଲେ ତାଙ୍କୁ ପୂରା ଚାର୍ଜ ନ ଦେବାକୁ ଶତପଥୀ ଉଦ୍ୟମ କରିଥିଲେ। ବ୍ୟାଙ୍କକୁ କେହି ଗ୍ରାହକ ଅଧିକ ଟଙ୍କା ନେବାକୁ ଆସିଲେ ତାହା ତାଙ୍କୁ ନ ଦେବା ପାଇଁ ଚାପ ପକାଉଥିଲେ। ତାଙ୍କ କାର୍ଯ୍ୟକଳାପରେ ସନ୍ଦେହ ହେବାରୁ ଷ୍ଟାଫ୍‌ମାନେ ବ୍ୟାଙ୍କର ଭୋଲ୍‌ଟ ଓ ଏସ୍‌ବିଆଇ ଆକାଉଣ୍ଟକୁ ଯାଞ୍ଚକରି ଟଙ୍କା ହେର୍‌ଫେର୍ ସମ୍ପର୍କରେ ଜାଣିଥିଲେ। ବ୍ୟାଙ୍କରୁ ଟଙ୍କା ହଡ଼ପ ହୋଇଥିବା ନେଇ ଡିଜିଏମ୍‌ଙ୍କୁ ଜଣାଇଥିଲେ। ୧୫ ତାରିଖରେ ଡିଜିଏମ୍ ଦତ୍ତ ନବରଙ୍ଗପୁର ଆସି ତଦନ୍ତ କରିବାବେଳେ ୧ କୋଟି ଟଙ୍କା ବ୍ୟାଙ୍କରୁ ହଡ଼ପ ହେବା ଜଣାପଡ଼ିବା ପରେ ଏ ନେଇ ସେ ଥାନାରେ ଏତଲା ଦେଇଥିଲେ ବୋଲି ପୋଲିସ ସୂଚନା ଦେଇଛି। ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଭଉରାଙ୍କ ସମେତ ନବରଙ୍ଗପୁର ଥାନାଧିକାରୀ ସମ୍ବିତ୍ ବେହେରା ଉପସ୍ଥିତ ଥିଲେ।



ବ୍ୟାଙ୍କ ମ୍ୟାନେଜର ଅଞ୍ଜନ କୁମାର ଶତପଥୀଙ୍କୁ ଗିରଫ କରି ନିଆଯାଉଛି ।

# ଆଜିଠୁ ରାୟଗଡ଼ା,କୋରାପୁଟ, ମାଲକାନଗିରିକୁ ରାଜ୍ୟପାଳଙ୍କ ଗସ୍ତ

ରାୟଗଡ଼ା,୧୯।୧୨(ଆଶିଷ ରଞ୍ଜନ ପଣ୍ଡା)

ଓଡ଼ିଶାର ରାଜ୍ୟପାଳ ଭାବେ ଦାୟିତ୍ୱ ନେବା ପରେ ରଘୁବର ଦାସ ପ୍ରଥମ କରି ଦକ୍ଷିଣ ଓଡ଼ିଶାର ୩ଟି ଆଦିବାସୀ ଅଧ୍ୟୁଷିତ ଜିଲାର ବିଭିନ୍ନ ସ୍ଥାନକୁ ୪ ଦିନିଆ ଗସ୍ତରେ ଯାଉଥିବା ସୂଚନା ମିଳିଛି । ପ୍ରଥମ ଦିନରେ ସେ ମାଲକାନଗିରି ଏବଂ ଦ୍ୱିତୀୟ ଦିନରେକୋରାପୁଟ ଜିଲା ଗସ୍ତକରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ତୃତୀୟ ଦିନ ଶୁକ୍ରବାର ସକାଳ ୧୦ଟାରେ ରାୟଗଡ଼ା ସଦର ବ୍ଲକ ଗୁମ୍ମାଠାରେ ପହଞ୍ଚି ସେଠାରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସହ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି। ଏହାପରେ କଡ଼ାପାଡ଼ି, ହାଲୁଆ, ତାଡ଼ମା ପଞ୍ଚାୟତର ଚିନ୍ତଲଗୁଡ଼ାଠାରେ ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ସହିତ ଆଲୋଚନା, ତାଡ଼ମାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଜେମାଦେଇପେଣ୍ଠ ସ୍ୱାସ୍ଥ୍ୟକେନ୍ଦ୍ର ଆଦି ପରିଦର୍ଶନ କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି । ସେହିଭଳି ଶୁକ୍ରବାର ମଧ୍ୟାହ୍ନରେ ବାରିଖୋଲାସ୍ଥିତ ଏକଲବ୍ୟ ଆଦର୍ଶ ବିଦ୍ୟାଳୟରେ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ସହ ଆଲୋଚନା କରିବା ପରେ ଜଗନ୍ନାଥ ମନ୍ଦିର ଓ ରାୟଗଡ଼ା ଅଧିଷ୍ଠାତ୍ରୀ ଦେବୀ ମଝିଘରିଆଣୀ ମନ୍ଦିର ଦର୍ଶନ ପରେ ସର୍କିଟ ହାଉସରେ ରାତ୍ରିଯାପନ କରିବା ନେଇ ସୂଚନା ମିଳିଛି। ଶନିବାର ସକାଳ ୧୦ଟାରେ ହେଲିକପ୍ଟର ଯୋଗେ ଭୁବନେଶ୍ୱରକୁ ଫେରିବା ନେଇ ସୂଚନା ରହିଛି। ରାଜ୍ୟପାଳଙ୍କ ଏହି ଗସ୍ତ ସମୟରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ୩ ଜିଲାର ଜିଲାପାଳଙ୍କୁ ପତ୍ର ମାଧ୍ୟମରେ ସୂଚନା ପ୍ରଦାନ କରାଯାଇଛି ।

# ମ୍ୟୁନିସିପାଲିଟି ଆଗରେ କାଉନ୍‌ସିଲରଙ୍କ ଧାରଣା



କାଉନ୍‌ସିଲର ନାରାୟଣ ପାଢୀଙ୍କ ସହ କଂଗ୍ରେସ ନେତାମାନେ ଧାରଣାରେ ବସିଛନ୍ତି ।

ଉମରକୋଟ, ୧୯।୧୨(ସନ୍ତୋଷ ଶତପଥୀ)

**ଦାବି ପୂରଣ ନ ହେବା ଯାଏ ଅନଶନ ଚାଲିବା ନେଇ ଚେତାବନୀ**

ପୌର ପରିଷଦ ର ବିଭିନ୍ନ ସମସ୍ୟା ନେଇ ଉମରକୋଟ ମ୍ୟୁନିସିପାଲିଟି ଆଗରେ ୧୧ନଂ ୱାର୍ଡ କାଉନସିଲର ତଥା କଂଗ୍ରେସ ପିସିସି ସଦସ୍ୟ ସାଇ ନାରାୟଣ ପାଢ଼ୀ ଧାରଣା ଦେଇଛନ୍ତି। ପୌର ନିର୍ବାହୀ ଅଧିକାରୀ ଅନଶନସ୍ଥଳକୁ ଯାଇ ତାଙ୍କୁ ଉଠିବାକୁ ଅନୁରୋଧ କରିଥିଲେ ମଧ କିଛି ସୁଫଳ ମିଳିନି। ଏହି ଅନଶନ ଆଗାମୀ ଦିନରେ ମଧ ଚାଲିବ ବୋଲି କାଉନ୍‌ସିଲର ପାଢୀ କହିଛନ୍ତି।

ଉମରକୋଟ ମ୍ୟୁନିସିପାଲିଟି ଅଧୀନ ସମସ୍ତ ସାହିରେ ଷ୍ଟ୍ରିଟ ଲାଇଟ ଲଗାଇବା, ପୌର ପରିଷଦର ସମସ୍ତ ୱାର୍ଡର ଗରିବ ହିତାଧିକାରୀଙ୍କୁ ପଡିକାର୍ଡ ଦେବା ବ୍ୟବସ୍ଥା, ୨୦୨୨-୨୩ ଆର୍ଥିକ ବର୍ଷର ବଜେଟ ଆଗତ, ପୌର ପରିଷଦ ଗଠନ ଦିନଠାରୁ ଏବେ ପର୍ଯ୍ୟନ୍ତ ଆୟର ବିବରଣୀ ପ୍ରଦାନ ଦାବି ନେଇ କାଉନ୍‌ସିଲର ପାଢ଼ୀ ଧାରଣା ଦେଇଛନ୍ତି। ତାଙ୍କ ସହ କଂଗ୍ରେସର ବରିଷ୍ଠ ନେତା ସୁରେନ୍ଦ୍ର ନାୟକ, ଏସ. ବିଜୟ, ଦେବରାଜ ଦାସ ପ୍ରମୁଖ ଧାରଣାରେ ବସିଛନ୍ତି। ଘଟଣାକୁ ନେଇ ନିର୍ବାହୀ ଅଧିକାରି ପୁରୁଷୋତ୍ତମ ବେନିଆଙ୍କୁ ପଚାରିବାରୁ କିଛି ଦିନ ହେବ କାର୍ଯ୍ୟରେ ଯୋଗ ଦେଇଛି। ୨ମାସ ସମୟ ଦେଲେ ସମସ୍ତ ସମସ୍ୟାର ସମାଧାନ କରିବି ବୋଲି ସେ କହିଛନ୍ତି।

### ଶିଡ଼ିରୁ ଖସି ବରିଷ୍ଠ ନାଗରିକ ତୀର୍ଥଯାତ୍ରୀଙ୍କ ଗାଇଡ୍ ମୃତ

ରାୟଗଡ଼ା,୧୯।୧୨ (ଆଶିଷ ରଞ୍ଜନ ପଣ୍ଡା)



ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ବରିଷ୍ଠ ନାଗରିକଙ୍କୁ ନେଇ ତୀର୍ଥଯାତ୍ରାରେ ଯିବାକୁ ରାୟଗଡ଼ା ଆସିଥିବା ଜଣେ ଗାଇଡ୍‌ଙ୍କ ଶିଡ଼ିରୁ ଖସିପଡ଼ି ମୃତ୍ୟୁ ଘଟିଛି। ସେ ହେଲେ ଅଟଳ ବିହାରୀ ହୋତା(୪୫)। ସେ ନବରଙ୍ଗପୁର ଜିଲା ମସିଗାଁ ଉଚ୍ଚ ବିଦ୍ୟାଳୟରେ କ୍ରୀଡ଼ା ଶିକ୍ଷକ ଥିଲେ। ନବରଙ୍ଗପୁର ଜିଲାରୁ ୧୪୪ ଜଣ ବରିଷ୍ଠ ନାଗରିକଙ୍କୁ ନେଇ ୬ ଜଣ ଗାଇଡ୍ ସୋମବାର ରାତିରେ ରାୟଗଡ଼ାରେ ପହଞ୍ଚିଥିଲେ । ପୌର ପରିଷଦ ଅଧୀନ ଅଶୋକ କଲ୍ୟାଣ ମଣ୍ଡପଠାରେ ସେମାନେ ରାତ୍ରିଯାପନ କରିଥିଲେ। ସୋମବାର ରାତିରେ ଭୋଜନ କରିବା ପରେ କୌଣସି କାରଣରୁ ତଳକୁ ଓହ୍ଲାଇବା ସମୟରେ ଶିଡ଼ିରୁ ଖସିପଡ଼ିଥିଲେ। ତାଙ୍କୁ ଉଦ୍ଧାରକରି ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତୁରନ୍ତ ତାଙ୍କ ପରିବାରକୁ ଏହି ସୂଚନା ଦିଆଯାଇଥିଲା। ତାଙ୍କ ଭାଇ ମାନଭଞ୍ଜନ ହୋତା ଘଟଣାସ୍ଥଳରେ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦକରି ପରିବାରକୁ ହସ୍ତାନ୍ତର କରାଯାଇଛି।

# ଏଫ୍‌ଏକ୍ୟୁ ମାନର ମାଣ୍ଡିଆ ମଣ୍ଡିକୁ ଆଣିବାକୁ ପରାମର୍ଶ

**ମାଣ୍ଡିଆ ମଣ୍ଡି ସଚେତନତା ରଥ ଉଦ୍‌ଘାଟିତ**

ତେନ୍ତୁଲିଖୁଣ୍ଟି, ୧୯।୧୨(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସୌଜନ୍ୟରେ ଓଡ଼ିଶା ମିଲେଟ ମିଶନ ପକ୍ଷରୁ ମାଣ୍ଡିଆ ମଣ୍ଡି ସଚେତନତା ରଥର ଶୁଭାରମ୍ଭ ମଙ୍ଗଳବାର କରାଯାଇଛି। ଏହି ରଥ ୪ ଦିନ ବ୍ଲକର ୧୫ ପଞ୍ଚାୟତରେ ଥିବା ସମସ୍ତ ଗ୍ରାମକୁ ଯାଇ ମାଣ୍ଡିଆ ମଣ୍ଡି ସମ୍ପର୍କରେ ସଚେତନ କରିବ। ମଣ୍ଡି କେବେ ଖୋଲିବ, କେଉଁଠି କେଉଁଠି ବସିବ, ମଣ୍ଡି ପଞ୍ଜୀକରଣ କେବେଠାରୁ ଆରମ୍ଭ କରାଯିବ ଏବଂ ପଞ୍ଜୀକରଣ ପାଇଁ କ'ଣ କ'ଣ କାଗଜପତ୍ରର ଆବଶ୍ୟକତା ରହିଛି ସେ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯିବ।

ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ତହସିଲଦାର ଅଶୋକ କୁମାର ମୁଦୁଲି, ବ୍ଲକ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ ପତାକା ଦେଖାଇ ଏହି ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏହି ସମୟରେ ସହକାରୀ ବ୍ଲକ କୃଷି ଅଧିକାରୀ ମାନସ ରଞ୍ଜନ ନାୟକ, ଓଡ଼ିଶା ମିଲେଟ ମିଶନ ବ୍ଲକ ସଂଯୋଜକ ନିଶାନ୍ତ ବିଷୋୟୀ, ଅବିନାଶ ପଣ୍ଡା, ଅଗ୍ରଗାମୀର ପ୍ରକଳ୍ପ ସଂଯୋଜକ ଜଗନ୍ନାଥ ଜେନା, ବ୍ଲକ କୃଷି ଅଧିକାରୀଙ୍କ ଅଫିସରୁ ବାଳଗୋବିନ୍ଦ ସାହୁ, କୃଷି ଓଭରସିୟର ମଧୁସ୍ମିତା ପତି, ବନ୍ଦିତା ମହାରଣା, ହରିଶଙ୍କର ତ୍ରିପାଠୀ ପ୍ରମୁଖଙ୍କ ସମେତ ବ୍ଲକର ବିଭିନ୍ନ ପଞ୍ଚାୟତରୁ ମାଣ୍ଡିଆ ଚାଷୀ, ଏସ୍‌ଏଚ୍‌ଜି ମହିଳାମାନେ ଯୋଗଦେଇଥିଲେ। ମଣ୍ଡିରେ ମାଣ୍ଡିଆର ସର୍ବାଧିକ ମୂଲ୍ୟ ୩୮୪୬ ଟଙ୍କା ରଖାଯାଇଛି। ଏଫ୍‌ଏକ୍ୟୁ ମାନର ମାଣ୍ଡିଆ ଆଣି ମଣ୍ଡିରେ ବିକ୍ରି କରିବାକୁ ଚାଷୀଙ୍କୁ କୁହାଯାଇଛି।



ମାଣ୍ଡିଆ ସଚେତନତା ରଥର ଉଦ୍‌ଘାଟନ କରାଯାଉଛି।

ରଥ ଉଦ୍‌ଘାଟନ ପରେ ପଞ୍ଚାୟତ ସମିତି କନ୍‌ଫରେନ୍ସ ହଲ୍‌ରେ ମିଲେଟ୍ସର ଏକ କର୍ମଶାଳା କରାଯାଇଛି। ଏହି କର୍ମଶାଳାରେ ୬୦ରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗ ଦେଇଥିଲେ। ଆଗାମୀ ଦିନରେ ବ୍ଲକର ଚାଷୀମାନେ ମାଣ୍ଡିଆ ଉତ୍ପାଦନକରି ମଣ୍ଡିରେ ବହୁଳ ପରିମାଣରେ ବିକ୍ରି କରିବେ ସେ ନେଇ ପଦକ୍ଷେପ ନେବାକୁ ତହସିଲଦାର କହିଛନ୍ତି। କର୍ମଶାଳାକୁ ତହସିଲଦାର ଏବଂ ବ୍ଲକ ଉପାଧ୍ୟକ୍ଷ ପରିଚାଳନା କରିଥିଲେ। ଅଗ୍ରଗାମୀ ସିଆର୍‌ପି ଟଙ୍କଧର ଝଡ଼ିଆ, ଜଗନ୍ନାଥ ଦିଶାରୀ ଏବଂ କୃପାସିନ୍ଧୁ ଗୌଡ଼ ପ୍ରମୁଖ ଏହି ସମୟରେ ଉପସ୍ଥିତ ଥିଲେ।

### ରାସ୍ତାରେ ପଡ଼ିଛି ଖଣ୍ଡବିଖଣ୍ଡିତ ମୃତଦେହ

■ଦୁର୍ଘଟଣାରେ ଯୁବକ ମୃତ୍ୟୁ ସନ୍ଦେହ

■ ଅଧା ଶରୀରର ପତ୍ତା ମିଳୁନି

ଚନ୍ଦାହାଣ୍ଡି, ୧୯।୧୨(ଦିଲୀପ ଦାସ)

ନବରଙ୍ଗପୁର ଜିଲା ଝରିଗାଁ-ଚନ୍ଦାହାଣ୍ଡି ଘାଟିରେ ଜଣେ ଯୁବକଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ମିଳିଛି। ମୃତକ ହେଲେ ଚନ୍ଦାହାଣ୍ଡି ଥାନା ଚକାମାଲ ଗ୍ରାମର ବଜନାଥ ପୋଡ଼ଙ୍କ ପୁଅ ତୁଳସୀ ପୋଡ଼(୩୨)। ଘାଟି ରାସ୍ତାରେ ଯିବାବେଳେ କୌଣସି ଗାଡ଼ି ସହ ଧକ୍କାହୋଇ ତାଙ୍କର ମୃତ୍ୟୁ ହୋଇଥିବା ଚନ୍ଦାହାଣ୍ଡି ଥାନାଧିକାରୀ ପ୍ରଶାନ୍ତ କୋହ୍ଲାରସ୍ କହିଛନ୍ତି । ଦୁର୍ଘଟଣା ପରେ ପାଖାପାଖି କୋଡ଼ିଏ ମିଟର ପର୍ଯ୍ୟନ୍ତ ମୃତଦେହ ଘୋଷାରି ହୋଇଯାଇଥିବା ସନ୍ଦେହ କରାଯାଉଛି। ସୂଚନାନୁଯାୟୀ, ସୋମବାର ସନ୍ଧ୍ୟାରେ ତୁଳସୀ ୨ଜଣ ସାଙ୍ଗ ସହ ଘରୁ ବାହାରିଯାଇଥିଲେ। କିନ୍ତୁ ରାତି ପର୍ଯ୍ୟନ୍ତ ସେ ଘରକୁ ଫେରି ନ ଥିଲେ। ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ସକାଳୁ ଚନ୍ଦାହାଣ୍ଡି ଘାଟିରେ ଦୁର୍ଘଟଣା ଘଟିଥିବା ଶୁଣି ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ତୁଳସୀଙ୍କର ବୋଲି ଚିହ୍ନଟ କରିଥିଲେ। ମୃତଦେହର ଅଧା ଅଂଶ ଅଧା ରାସ୍ତାକଡ଼ରେ ପଡିଥିବାବେଳେ ଅଧା ଅଂଶ ମିଳୁନାହିଁ। ମୃତକଙ୍କ ବାପା ଏ ନେଇ ଚନ୍ଦାହାଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଚନ୍ଦାହାଣ୍ଡି ପୋଲିସ କେସ ନଂ. ୧୭୨/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଓଡ଼ିଶା ରାମକୃଷ୍ଣ ବିବେକାନନ୍ଦ ଭାବ ପ୍ରଚାର ପରିଷଦର ବାର୍ଷିକ ଅଧିବେଶନ

ମାଲକାନଗିରି, ୧୯।୧୨(ଦୁର୍ଯ୍ୟୋଧନ ପାତ୍ର)

ଓଡ଼ିଶା ରାମକୃଷ୍ଣ ବିବେକାନନ୍ଦ ଭାବ ପ୍ରଚାର ପରିଷଦର ୩୧ତମ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଛି। ଏଥିରେ ସ୍ଥାନୀୟ ରାମକୃଷ୍ଣ ସେବା ସଂଘ ପରିଷଦ ଅଧ୍ୟକ୍ଷ ସ୍ୱାମୀ ଆତ୍ମପ୍ରଭାନନ୍ଦ ସଭାପତିତ୍ୱ କରିଥିଲେ। ଦୁଇଦିନ ଧରି ଅନୁଷ୍ଠିତ ହେଉଥିବା ଏହି ଅଧିବେଶନର ପରିଷଦ ଉପାଧ୍ୟକ୍ଷ ସ୍ୱାମୀ ଦେବେଶାନନ୍ଦ ଓ ସ୍ୱାମୀ ଆପ୍ତେଶ୍ୱରାନନ୍ଦ ଏବଂ ରାମକୃଷ୍ଣ ମଠ, ବେଲୁଡ ମଠର ପ୍ରତିନିଧି ସ୍ୱାମୀ ଅଚ୍ୟୁତାତ୍ମାନନ୍ଦ ଯୋଗଦେଇ ଉପସ୍ଥିତ ୧୭ଟି ଆଶ୍ରମର ସଦସ୍ୟମାନଙ୍କୁ ଦିଗଦର୍ଶନ ଦେଇ ଶ୍ରୀରାମକୃଷ୍ଣ, ସାରଦା ଦେବୀ ଓ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧିବେଶନର ପ୍ରଥମ ଦିବସରେ ମାଲକାନଗିରି ବିଧାୟକ ଆଦିତ୍ୟ ମାଢି ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଉଦ୍‌ବୋଧନ ଦେଇଥିଲେ। ପରିଷଦର ଆବାହକ ସଜ୍‌ମେଶ୍ୱର ସାହୁ, ରିତ ବୋଷ, ଯୁଗ୍ମ ଆବାହକ ବିଷ୍ଣୁପ୍ରସାଦ ଜେନା, ପୂର୍ଣ୍ଣଚନ୍ଦ୍ର ସେନଗୁପ୍ତ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ।

### ମାଓବାଦୀଙ୍କ ଶହୀଦସ୍ତମ୍ଭ ଭାଙ୍ଗିଲେ ଯବାନ

ମାଲକାନଗିରି, ୧୯।୧୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ସୁକମା ଜିଲା ଅଧୀନ ସାଲାତୋଙ୍ଗରେ ମାଓବାଦୀ ଶହୀଦ ସ୍ତମ୍ଭକୁ ଯବାନମାନେ ଭାଙ୍ଗି ଦେଇଛନ୍ତି। ମଙ୍ଗଳବାର ସାଲାତୋଙ୍ଗ ଅଞ୍ଚଳରେ ଯବାନମାନେ ସୁରକ୍ଷା କ୍ୟାମ୍ପ କରିବା ପରେ ଏହି ଅଞ୍ଚଳରେ ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲେ। ଏହାପରେ ଯବାନମାନେ ଉକ୍ତ ଅଞ୍ଚଳରେ ଏକ ମାଓବାଦୀ ଶହୀଦସ୍ତମ୍ଭ ଥିବା ଜାଣିବାକୁ ପାଇଥିଲେ। ଉକ୍ତ ସ୍ତମ୍ଭଟି ବଡ ଆକାରର ହୋଇଥିବାରୁ ଏକ ମେଶିନ ସାହାଯ୍ୟରେ ତାହାକୁ ଭଙ୍ଗା ଯାଇଛି।

# ବସ୍ତ୍ରାଳୟରେ ଜିଏସ୍‌ଟି ଚଢ଼ାଉ

ମାଲକାନଗିରି, ୧୯।୧୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦରରେ ଥିବା ଏକ ବସ୍ତ୍ରାଳୟରେ ଜିଲା ଜିଏସ୍‌ଟି ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଏଠାରୁ ବିଭିନ୍ନ ପ୍ରକାର ତଥ୍ୟ ସଂଗ୍ରହ କରାଯାଇଛି। ଯାହାକୁ ଆଗାମୀ ଦିନରେ ଯାଞ୍ଚ କରି ଉଚିତ ପଦକ୍ଷେପ ନିଆଯିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ସୂଚନାନୁଯାୟୀ ଦୋକାନର ଦୀର୍ଘ ଦିନ ଧରି ଜିଏସ୍‌ଟି ନମ୍ବରଟି ରିଜେକ୍ଟ ହୋଇଯାଇଥିଲା। ଉକ୍ତ ବ୍ୟବସାୟୀ ଜଣଙ୍କ ଏହାକୁ ଅଣଦେଖା କରି ଖାମଖିଆଲି ଭାବେ ବ୍ୟବସାୟ କରୁଥିଲେ। ଏହା ଜାଣି ଜିଲା ଜିଏସଟି ବିଭାଗ ଏହି ଦୋକାନରେ ଚଢ଼ାଉ କରିଥିଲେ। ସିଟି ଏବଂ ଜିଏସ୍‌ଟି ଏନଫୋର୍ସମେଣ୍ଟ ୟୁନିଟ୍ ଡେପୁଟି କମିଶନର ସରୋଜ କିଶୋର ହାଁସଦାଙ୍କ ନେତୃତ୍ୱରେ ଆସିଷ୍ଟାଣ୍ଟ ସିଟି ଏବଂ ଜିଏସ୍‌ଟି କମିଶନର ସ୍ୱାଗତିକା ପଣ୍ଡା, ବିଜୟ କୁମାର ବେବର୍ତ୍ତା, ପାୟରାପୁ ତ୍ରିନଥା, ସିଟି ଏବଂ ଜିଏସ୍‌ଟି ଅଧିକାରୀ ଅକ୍ଷୟ କୁମାର ମିଶ୍ର, ନିଶିକାନ୍ତ ମହାପାତ୍ର, ଆସିଷ୍ଟାଣ୍ଟ ସିଟି ଏବଂ ଜିଏସ୍‌ଟି ଅଧିକାରୀ ବି.ଭି. ଶ୍ରୀନିବାସା ରାଓ, ମନୋଜ ମିଶ୍ର, ସୁଦର୍ଶନ ସୁକୁମାର ମଲ୍ଲିକ ଓ ଅମରେଶ କୁମାର ମହନ୍ତ ଚଢ଼ାଉ କରିଥିଲେ।



ଦୋକାନରେ ଅଧିକାରୀମାନେ ଯାଞ୍ଚ କରୁଛନ୍ତି।

### ନୂଆ-ଓ' ଯୁବ ଓଡ଼ିଶା-ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ଏମ ଭି ୭୯(ଭିକି ବାରିକ)୧୯/୧୨/୨୩

ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ ଏମଭି-୭୯ ଡ. ଶ୍ୟାମା ପ୍ରସାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ନୂଆ-ଓ' ଯୁବ ଓଡ଼ିଶା-ନବୀନ ଓଡ଼ିଶା କାର୍ଯ୍ୟକ୍ରମର ସାଂସ୍କୃତିକ କାର୍ଯ୍ୟକ୍ରମ ମଙ୍ଗଳବାର ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ରୂପେ ଡାକ୍ତର ପ୍ରସନଜିତ୍ ରାୟ, ସମ୍ମାନିତ ଅତିଥିଭାବେ ପ୍ରଧାନଶିକ୍ଷକ ପ୍ରଶାନ୍ତ ନାୟକ,ମାଲକାନଗିରି ଜିଲା ଯୁବ ବିଜେଡି ଉପ ସଭାପତି ଚିରଞ୍ଜିତ ବାଲା, ଯୁଗ୍ମ ସମ୍ପାଦକ ରାକେଶ ମଣ୍ଡଳ, ସ୍ୱାମୀ ବିବେକାନନ୍ଦ ଯୁବ ସଙ୍ଗଠନର ସମ୍ପାଦକ ପ୍ରହ୍ଲାଦ ଦାସ, ନୋଡାଲ ଅଫିସର ବସନ୍ତ ବିଶ୍ୱାଳ, ଡ.ପ୍ରଦୀପ୍ତ ମିଶ୍ର ଉପସ୍ଥିତ ଥିଲେ।

# ୨୦ରୁ ସମୂହ ଛୁଟିରେ ଯିବେ ଅମଲା

ମାଲକାନଗିରି,୧୯।୧୨ (ଦୁର୍ଯ୍ୟୋଧନ ପାତ୍ର)

୬ମମାସ ତଳେ ଅମଲା ସଂଘ ସେମାନଙ୍କ ଗୋଟିଏ ମାତ୍ର ଦାବି କନିଷ୍ଠ ସହାୟକଙ୍କ ଦରମା ଲେବଲ୍ ୯ର ପେ ୯୩୦୦ ଓ ଗ୍ରେଡ ପେ ୪୨୦୦ ପ୍ରଦାନ କରିବା ଦାବିପୂରଣ ନେଇ ଓଡ଼ିଶା ଅମଲା ସଂଘର ନିଷ୍ପତ୍ତି ଅନୁଯାୟୀ ସବୁ ଜିଲାର ଅମଲା ୧୯ ଦିନ ସମୂହ ଛୁଟିରେ ରହି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଧାରଣା ଦେଇଥିଲେ। ରାଜ୍ୟ ସରକାର ଅମଲାଙ୍କ ଦାବିକୁ ପୂରଣ ନେଇ ଲିଖିତ ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନ ସ୍ଥଗିତ ରହିଥିଲା। ଏକ କମିଟି ଗଠନ କରି ଏକମାସ ମଧ୍ୟରେ ଏହାର ସମାଧାନ କରାଯିବ ବୋଲି ସେତେବେଳେ ପ୍ରତିଶ୍ରୁତି ମିଳିଥିଲା। ମାତ୍ର ଏହି ପ୍ରତିଶ୍ରୁତିକୁ ୬ ମାସ ବିତି ଯାଇଥିଲେ ମଧ ଅମଲାଙ୍କ ଦାବିପୂରଣ କରାଯାଇ ନ ଥିବାରୁ ବୁଧବାର ୨୦ ତାରିଖରୁ ମାଲକାନଗିରି ଜିଲାର ସମସ୍ତ ଅମଲା ସମୂହ ଛୁଟିରେ ଯିବାକୁ ନିଷ୍ପତ୍ତି ନେଇଛନ୍ତି। ଦାବିପୂରଣ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ମଞ୍ଚର ଆବାହକ ଶ୍ୟାମ ସୁନ୍ଦର ନାୟକ ଓ ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ସେଠୀ କହିଛନ୍ତି।

# ୟୁନିୟନ ବ୍ୟାଙ୍କକୁ ରାଜ୍ୟ ସରକାରଙ୍କ ଅନୁକମ୍ପା ଅଭିଯୋଗ

■ ଉମରକୋଟ ବିଧାୟକଙ୍କ ଖବରଦାତା ସମ୍ମିଳନୀ

■ ନଳକୂପ ଖନନର ବଣ୍ଟ୍ ଦେବା କାର୍ଯ୍ୟ କେବଳ ୟୁନିୟନ ବ୍ୟାଙ୍କକୁ କାହିଁକି ବୋଲି ବିଧାୟକ ପ୍ରଶ୍ନ ଉଠାଇଲେ

ଉମରକୋଟ, ୧୯।୧୨(ସନ୍ତୋଷ ଶତପଥୀ)

ଓଡ଼ିଶା ସରକାରଙ୍କ ଚାଷୀମାରଣ ନୀତି ଦିନକୁ ଦିନ ବଢ଼ିଚାଲିଛି ବୋଲି କହିବା ସହ ନଳକୂପ ଖନନ ନିମନ୍ତେ ବଣ୍ଟ୍ ଦେବା କାର୍ଯ୍ୟ କେବଳ ୟୁନିୟନ ବ୍ୟାଙ୍କ କାହିଁକି କରୁଛି ବୋଲି ନବରଙ୍ଗପୁର ଜିଲା ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ମଙ୍ଗଳବାର ଉମରକୋଟସ୍ଥିତ ଦଳୀୟ କାର୍ଯ୍ୟାଳୟରେ ବିଧାୟକ ଗଣ୍ଡ ଏକ ଖବରଦାତା ସମ୍ମିଳନୀରେ ଏହିପ୍ରଶ୍ନ ଉଠାଇଛନ୍ତି। ୟୁନିୟନ ବ୍ୟାଙ୍କ ସମ୍ମୁଖରେ ଭୋର ୪ଟାରୁ ରାତି ୧୦ ଟା ପର୍ଯ୍ୟନ୍ତ ଶୀତରେ ଚାଷୀ ଧାଡିରେ ଛିଡ଼ା ହେଉଛନ୍ତି। ଏହା ଚାଷୀଙ୍କ ପ୍ରତି ଅନ୍ୟାୟ ଓ ଅତ୍ୟାଚାର ନୁହେଁ କି ବୋଲି ବିଧାୟକ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଛନ୍ତି।

ଏଥିସହ ନଳକୂପ ଖନନ ନିମନ୍ତେ ବଣ୍ଟ୍ ଦେବା କାର୍ଯ୍ୟ କେବଳ ୟୁନିୟନ ବ୍ୟାଙ୍କକୁ ଦେବାର ମାନେ କ'ଣ, ଦଳୀୟ ସ୍ୱାର୍ଥ ସାଧନ ପାଇଁ ଏପରି କରାଯାଇଛି କି ? ଅଧିକ ସଂଖ୍ୟକ ବ୍ୟାଙ୍କକୁ ଏହି କାର୍ଯ୍ୟ ପ୍ରଦାନ କରିଥିଲେ କ'ଣ ଅସୁବିଧା ହୋଇଥାଆନ୍ତା ବୋଲି ବିଧାୟକ ପ୍ରଶ୍ନ କରିଛନ୍ତି। ସେହିଭଳି ଯେଉଁ ଚାଷୀମାନେ ଶୀତ, ଥଣ୍ଡାରେ ଧାଡ଼ିରେ ରହି ନଳକୂପ ପାଇଁ ଆବେଦନ କରୁଛନ୍ତି, ସେ ସମସ୍ତଙ୍କୁ ନଳକୂପ ମିଳିବ ତ ବୋଲି ବିଧାୟକ ପଚାରିଛନ୍ତି। ୨୦୧୭-୧୮ରେ ଆବେଦନ କରିଥିବା ସମସ୍ତ ଚାଷୀଙ୍କୁ ବର୍ତ୍ତମାନ ସୁଦ୍ଧା ନଳକୂପ ପ୍ରଦାନ କରିବା ଶେଷ ହୋଇନାହିଁ ବୋଲି ବିଧାୟକ କହିଛନ୍ତି। ନବରଙ୍ଗପୁର ଜିଲାରୁ ରାଜ୍ୟ ଉଠା ଜଳସେଚନ ନିଗମ ଉପଦେଷ୍ଟା ଚୟନ କରାଯାଇଛି। ତଥାପି ମଧ ଜିଲାର ଚାଷୀ ସବୁଠାରୁ ଅଧିକ ହଇରାଣ ହେଉଛନ୍ତି। ଜିଲାରୁ ଜଣେ ଉପଦେଷ୍ଟା ରହି ଲାଭ କ'ଣ ବୋଲି ବିଧାୟକ ପଚାରିଛନ୍ତି।

ଯୁବ ଓଡ଼ିଶା, ନବୀନ ଓଡ଼ିଶା ମାଧ୍ୟମରେ କରାଯାଉଥିବା ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ରାଜ୍ୟ ସରକାରଙ୍କର ନା ବିଜେଡିର ବୋଲି ବିଧାୟକ ପଚାରିଛନ୍ତି। ଯଦି ରାଜ୍ୟ ସରକାରଙ୍କର ତେବେ ସ୍ଥାନୀୟ ଜନ ପ୍ରତିନିଧିଭାବେ ବିଧାୟକଙ୍କ ଉପସ୍ଥିତି ନିହାତି ଆବଶ୍ୟକ। କିନ୍ତୁ ଉମରକୋଟ ନିର୍ବାଚନମଣ୍ଡଳୀରେ ହୋଇଥିବା କାର୍ଯ୍ୟକ୍ରମରେ ବିଧାୟକଙ୍କୁ ନ ଜଣାଇବାର କାରଣ କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି। ଖବରଦାତା ସମ୍ମିଳନୀରେ ରାଜ୍ୟ ଭାଜପା ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ଜିଲା ସାଧାରଣ ସମ୍ପାଦକ ଅଶୋକ ପାଢ଼ୀ ଓ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୋପାଳ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟ ବିକାଶରେ ଯୁବଗୋଷ୍ଠୀଙ୍କ ସକ୍ରିୟ ଅଂଶୀଦାର ଲକ୍ଷ୍ୟ

**ନୂଆ-ଓ, ଯୁବ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ**

ଝରିଗାଁ, ୧୯।୧୨(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ମଶାଲକୁ ସ୍ୱାଗତ କରିବା ସହ ପତାକା ଉତ୍ତୋଳନ କରିଥିଲେ। ରାଜ୍ୟ ସରକାରଙ୍କ ଏହି କାର୍ଯ୍ୟକ୍ରମ ମାଧ୍ୟମରେ କ୍ରୀଡ଼ା, ସଂସ୍କୃତି ଓ ସାମାଜିକ କାର୍ଯ୍ୟକ୍ଷେତ୍ରରେ ଯୁବବର୍ଗଙ୍କ ଅଂଶ ଗ୍ରହଣକୁ ପ୍ରୋତ୍ସାହନ କରାଯାଉଛି। ରାଜ୍ୟ ବିକାଶରେ ଯବଗୋଷ୍ଠୀଙ୍କୁ ସକ୍ରିୟ ଅଂଶିଦାର କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି ବୋଲି ମୁଖ୍ୟ ଅତିଥି କହିଛନ୍ତି। ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମାଝି, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ପ୍ରିୟରଞ୍ଜନ ଦାସ, ଜିଲା ପରିଷଦ ସଭ୍ୟା ଯମୁନା ଗଣ୍ଡ, ଗୁରୁସିଂଗା ଗ୍ରାମ ପଞ୍ଚାୟତ ସରପଞ୍ଚ ମୋହନ ନାୟକ ପ୍ରମୁଖ ଯୋଗ ଦେଇଥିଲେ । କ୍ରୀଡ଼ା ଉତ୍ସବ ଆରମ୍ଭ ପୂର୍ବରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଶିବପ୍ରସାଦ ପଟ୍ଟନାୟକ ସମସ୍ତ ପ୍ରତିଯୋଗୀଙ୍କୁ ଶପଥ ପାଠ କରାଇଥିଲେ। ଏହାପରେ କ୍ରୀଡ଼ା, ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମର ବିଭିନ୍ନ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଅଧାପକ ଗୋପାଳ ମହାରଣା, ଶଙ୍କର ନାଲା, ସନ୍ତୋଷ ଖିଲାର, ଅଧାପିକା ତୁଷାରୀ ପଟ୍ଟନାୟକ, ଖେଳ ଶିକ୍ଷକ କୈଳାଶ ଚନ୍ଦ୍ର ପ୍ରଧାନ, ଗ୍ରନ୍ଥଗାରିକ ମନୋଜ ମହାପାତ୍ର, ସୁସ୍ମିତ ଚନ୍ଦନ ପଟ୍ଟନାୟକ, ପ୍ରକାଶଚନ୍ଦ୍ର ପଟ୍ଟନାୟକ, ଦିବାକର ଗୌଡ଼ ଏବଂ ସିମାଞ୍ଚଳ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।









କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି, ଛାତ୍ରୀଛାତ୍ରଙ୍କୁ ଶପଥପାଠ କରାଯାଉଛି।

